ଜାନୁଆରୀ - ୨୦୨୨

ଭାରତ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ

ଶିକ୍ଷା ବିକାଶ ସମିତି, ଓଡ଼ିଶା

# ଶିକ୍ଷା ସୃଜନୀ




**ବିଦ୍ୟା ଭାରତୀ**

**ଶିକ୍ଷା ବିକାଶ ସମିତି, ଓଡ଼ିଶା**




ବିଦ୍ୟା ଭାରତୀ ସଂଗଠନ ମନ୍ତ୍ରୀଙ୍କ ପ୍ରବାସ ଅବସରରେ ପ୍ରାଦେଶିକ ପୂର୍ବଛାତ୍ର ପରିଷଦ ବୈଠକ
ସ୍ଥାନ : କେଶବଧାମ, କଟକ



ବିଦ୍ୟା ଭାରତୀ ସଂଗଠନ ମନ୍ତ୍ରୀଙ୍କ ପ୍ରବାସ ଅବସରରେ ସାଧାନା ଛାତ୍ରଙ୍କ ଆଶୀର୍ବାଦ ସମାରୋହ
ସ୍ଥାନ : କେଶବଧାମ, କଟକ



# ଶିକ୍ଷା ସୃଜନୀ

## ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର

### ଡ଼ିସେମ୍ବର – ଜାନୁଆରୀ

**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. କିଶୋରଚନ୍ଦ୍ର ମହାନ୍ତି**
  ସଭାପତି, ଶି.ବି.ସ., ଓଡ଼ିଶା
- **ଶ୍ରୀଯୁକ୍ତ କମଳାକାନ୍ତ ମିଶ୍ର**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା



**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା



- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


**ପ୍ରଚ୍ଛଦ ପ୍ରସଙ୍ଗ**

ସରଗ ସମ ମାଟି ପାଖରେ
ଜୀବନ ବନ୍ଧା ଦେଇ
ବୀର ବେଶରେ ରଣଭୂମିରେ
ଥିଲେ ପ୍ରତିଜ୍ଞା ନେଇ
ବିପିନ ରାଓ୍ୱତ ସେଇ
ଲୁହ ଫୁଲରେ ଶ୍ରଦ୍ଧାସୁମନ
ଘେନାକର ସ୍ୱର୍ଗେ ଥାଇ ।


**ପରିଚାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**
- **ସଦସ୍ୟ : ଶ୍ରୀ ଧରଣୀଧର ଦାସ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ – ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ – ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର – ଶ୍ରୀ ଭାସ୍କରଚନ୍ଦ୍ର ମହାକୁଡ଼, ଚମ୍ପୁଆ
- ଦକ୍ଷିଣ – ଶ୍ରୀ ଗୋପାଳ କୃଷ୍ଣ ପଣ୍ଡା, ଜୟପାଟଣା
- ଉତ୍ତର-ପୂର୍ବ – ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ – ଶ୍ରୀ କୈଳାସ ଚନ୍ଦ୍ର ଧଳ, ଡୁମୁଡ଼ିବନ୍ଧ
- ପୂର୍ବୋତ୍ତର – ଶ୍ରୀ ପ୍ରଣୟକୁମାର ପଢ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ – ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ – ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**



**ଯୋଗାଯୋଗ ଠିକଣା :**

ଶିକ୍ଷା ସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**
ଇ-୫୯, ସେକ୍ଟର-ଏ, ଜୋନ୍-ଏ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦
ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୦୩୯୪୪୭୭
ଫାକ୍ସ : (୦୬୭୪) ୨୫୮୫୫୬୧
Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦
ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ଏକ ଅଜ୍ଞାତ ତଥା ଅନାବିଷ୍କୃତ ଅଧ୍ୟାୟ ୦୫
- ଆତ୍ମନିର୍ଭର ଭାଲୁ ଭାଇନା ୦୭
- ବିଶ୍ୱାସୀ କୁକୁର ୦୯
- ମକର ଉତ୍ସବ ୧୧
- ପରମାତ୍ମାଙ୍କର ସ୍ୱରୂପ ଓ ମହତ୍ତ୍ୱ ୧୪
- ଗଣିତଜ୍ଞ ରାମାନୁଜମ୍ ୧୫
- ଅଟଳବିହାରୀ ବାଜପେୟୀ ୧୬
- ତେଲିଆ ମୁଣ୍ଡରେ ତେଲ ୧୮


## କବିତା ପସରା


- ❖ ଅମୃତ ମହୋତ୍ସବ ବନାମ ଅମୃତ ପୁରୁଷ ୧୯
- ❖ ଜୟ ସଂସ୍କୃତି ଜୟ ଭାରତ ୨୦
- ❖ ବିଶ୍ୱ ଗୁରୁ ଭାରତ ୨୧
- ❖ ମାର୍ଗଶିର ମାସ ଗୁରୁବାର ୨୧
- ❖ ଆସିଛି ଗୀତ ୨୨
- ❖ କହି କି ପାରିବ କିଏ ? ୨୨
- ❖ କହି କି ପାରିବ କିଏ ? ୨୩
- ❖ ଭୋଜନର ନିୟମ ୨୩
- ❖ ଭଗବାନ ବିର୍ସାମୁଣ୍ଡା ୨୪
- ❖ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ୨୫
- ❖ ଓଁ ଶ୍ରୀ ପରମାତ୍ମନେ ନମଃ ୨୬
- ❖ ଅନ୍ଧାନୁକରଣସ୍ୟ ଫଳମ୍ ୨୯
- ❖ ଜୀଜାବାଈ ୩୦
- ❖ ସନ୍ଧ୍ୟା ଆକାଶର ଦୂରବୀକ୍ଷଣରେ ଦୃଶ୍ୟ ୩୧
- ❖ ବିଭିନ୍ନ ମାପର ଧାରଣା ୩୪
- ❖ ଭଗ୍ନାଂଶର ଧାରଣା ୩୫
- ❖ ଗଙ୍ଗଶିଉଳି କେତେ ଦରକାରୀ ୩୬
- ❖ ଭୂନମନାସନ ୩୭
- ❖ ଆମ ପ୍ରଶ୍ନ ତୁମ ଉତ୍ତର ୩୮
- ❖ ପୂର୍ବ ସଂଖ୍ୟାର ଉତ୍ତର ୩୯
- ❖ ତୁମ ପାଇଁ କଥାଟିଏ ୪୦


## ତା'ପଦେ ଆମ ପରାଣ ଯାଉ ଲୋଟି

*ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ*

ଘାସ ଗାଲିଚା ଉପରେ ଦେଖ
ଶିଶିର ତାରକସି
ଲକ୍ଷ୍ମୀ ପୂଜିବା ପାଇଁକି ମାଆ
ପକାଏ ଝୋଟି ବସି ।।

ଧନୁଯାତରା ପଣ୍ଡୁ ପୂର୍ଣ୍ଣିମା
ବକୁଳ ଅମାବାସ
ଶାମ୍ବ ଦଶମୀ ମକର ଘେନି
ଫୁଟାଏ ମୁହେଁ ହସ ।।

ଦେବାଭିଷେକ ଗୁମ୍ଫା(ଓଳାଶୁଣି) ଯାତରା
ପରବ ଆଣି ଆସେ
ଉତ୍ତରା ବାଆ ଗୁଡ଼ି ଉଡ଼ାଇ
ଦୂର ଗଗନେ ଭାସେ ।।

ଜାତୀୟ ଯୁବ ଦିବସ ପାଳେ
ବିବେକାନନ୍ଦ ଜନ୍ମ
ଜୀଜାବାଈକୁ ମନେ ପକାଇ
ଏ ମାଟି ହୁଏ ଧନ୍ୟ ।।

ନେତାଜୀ ଜନ୍ମ ଦିନରେ ମାଟି
ପ୍ରଣତି ଯାଏ ଢାଳି
ଗାନ୍ଧୀ ମହାତ୍ମା, ରାଣା ପ୍ରତାପ
ବଳୀ ଦିବସ ପାଳି ।


ସ୍ଥଳ ସେନାର ଦିବସେ ଆମେ
ରଣ ହୁଙ୍କାର ତୋଳୁ
ଜାତୀୟ କନ୍ୟା ଦିବସ ପୁଣି
ଭୋଟର ଦିନ ପାଳୁ ।।

ଏପରି ମାଟି ପାଣି ପବନ
ବନ କାନନ ଭେଟି
ଦେଇଛି ଯିଏ ତା'ପଦେ ଆମ
ପରାଣ ଯାଉ ଲୋଟି ।।

*ସମ୍ପାଦକ*

### ରୋକ୍‌ଠୋକ୍

ବାଡ଼ି ବଗିଚାରେ ହୁଣ୍ଡା ଡିଆଁମାରେ
କରିନୁ ଫସଲ କିଛି
ବଡ଼ ମନଲୋଭା ତଟକା ପରିବା
କିଣିବାକୁ ଧାଉଁ ବାଛି
ପକେଟକୁ ଦେଇ ପୋଛି
ରୋଗ ବଇରାଗ ଅକାଳ ଡାକିକି
କାନ୍ଦୁ ଆମେ ମିଛି ମିଛି ।।



ଭଜଇ ଜାଣି ବିଷ୍ଣୁମାୟା । ସେ ହରି କରେ ତାରେ ଦୟା ।।




# ସଂସ୍କୃତି ସମ୍ବର୍ଦ୍ଧନ ଆମର ଧ୍ୟେୟ



ମିଳିତ ଜାତିସଂଘ କାନ୍ଥରେ ଶୋଭାପାଉଥିବା ସନ୍ଥ କବି ଭୀମ ଭୋଇଙ୍କର ସେହି ଧ୍ୟେୟ ଉକ୍ତିଟି

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ' ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।"

କେଡ଼େ ସମୁଜ୍ଜ୍ୱଳ, ସୁସଂସ୍କୃତ ଓ ସୁସଂହତ ଅଟେ କହିଲେ ସତରେ ଏ ଉକ୍ତିଟି ? ନିଜ ଜୀବନକୁ ବିପନ୍ନ କରି ଅନ୍ୟକୁ ଉଦ୍ଧାର କରିବା ତ ଏ ମାଟିର ଚଳଣି । ସେଥିପାଇଁ ଆମେ ମାଟିମନସ୍କ ହୋଇ ଏଇ ବସୁଧାକୁ ମାଆର ଆସନରେ ଆସୀନ କରି ପୂଜିଥାଉ । କାରଣ ଆମକୁ ଚେତେଇ ଦେଇ ଭକ୍ତକବି ମଧୁସୂଦନ ରାଓ କହିଛନ୍ତି,

"ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ
ଜାଗ ନରନାରୀ ଅମୃତ ସନ୍ତତି
ପିଅ ସେ ଅମୃତପୟ ହେ ।"

ଏଠି ଆମେ ମାଟି, ପାଣି, ପବନ, ଆକାଶ, ସୂର୍ଯ୍ୟକୁ ଉପାସନା କରୁ । ପ୍ରକୃତିର ବନ୍ଦନା କରୁ । ଯାହାଠୁଁ କିଛି ପାଇଛୁ ପ୍ରତିଦାନ ସ୍ୱରୂପ ତା'ର ଗୁଣଗାନ କରୁ । ସେଥିପାଇଁ ତ ଅବଧୂତଙ୍କର ଚବିଶି ଗୁରୁଙ୍କ କଥାକୁ ଆମେ ବିଚାରକୁ ନେଉ ।

ନିଜ ଛାତିକୁ ଟାଣକରି ହିମାଳୟ ଅବିଚଳିତ ଭାବରେ ଠିଆ ହୋଇ ଆମକୁ ସୁରକ୍ଷା ଯୋଗାଉଛି । ପବିତ୍ର ପାବନୀ ଧାରରେ ମା' ଜାହ୍ନବୀକୁ ଧରାବତରଣ କରିଛି । ତା'ର ସେହି କର୍ତ୍ତବ୍ୟପରାୟଣତାକୁ ପ୍ରଣାମ କରି ହିନ୍ଦୀ କବି ସୋହନଲାଲ ଦ୍ୱିବେଦୀ ଲେଖିଛନ୍ତି,

"ଖଡ଼ା ହିମାଳୟ ବତା ରହା ହୈ
ଡରୋ ନ ଆନ୍ଧୀ ପାନୀ ମେଁ
ଖଡ଼େ ରହୋ ତୁମ ଅବିଚଳ ହୋକର
ସବ୍ ସଙ୍କଟ ତୁଫାନୀ ମେଁ ।"

ଦୟା, ଦାନ, ଧର୍ମ କଥାକୁ ଉଜ୍ଜୀବିତ କରିବାକୁ ଯାଇ ଟୀକା ଗୋବିନ୍ଦ ଚନ୍ଦ୍ରରେ ଲେଖାଯାଇଛି:-

"ଯାହା ଦେବୁ ହସ୍ତ ଟେକିରେ କୁମର ଯାହା ଦେବୁ ହସ୍ତ ତୋଳି,
ଦକ୍ଷିଣ ହସ୍ତରେ ଯେ ଧର୍ମ କରିବୁ ପଥକୁ ହେବ ଶଙ୍ଖାଳି ।"

ପ୍ରାର୍ଥନା, ତ୍ୟାଗ, ତପସ୍ୟା ଉଦାରତା ଓ ପରୋପକାର ଭଳି ମହନୀୟ ଶବ୍ଦଗୁଡ଼ିକ କେବଳ ଆମ ସଂସ୍କୃତି ଓ ପରମ୍ପରାରେ ପ୍ରଚଳିତ । ଯାହା ଅନ୍ୟ ଦେଶମାନଙ୍କରେ ନାହିଁ । ସେଥିପାଇଁ ପରା କୁହାଯାଇଛି :-

"ପରୋପକାରାୟ ଫଳନ୍ତି ବୃକ୍ଷାଃ
ପରୋପକାରାୟ ବହନ୍ତି ନଦ୍ୟଃ
ପରୋପକାରାୟ ଦୁହ୍ୟନ୍ତି ଗାବଃ
ପରୋପକାରାୟ ସତାଂ ବିଭୂତୟଃ"

ମୁନିଋଷି, ସାଧୁସନ୍ଥ, ଜ୍ଞାନୀ ତପସ୍ୱୀଙ୍କର ଅବଦାନକୁ ମଧ୍ୟ ଏ ମାଟି ଭୁଲି ପାରିନାହିଁ । ସେଥି ପାଇଁ ଆମ ପୁରାଣଶାସ୍ତ୍ର ସେମାନଙ୍କ ଚିତ୍ର ଓ ଚରିତ୍ରକୁ ଟୋଳି ଧରିଛି ଯେମିତି;

ଏଣେ ଯେ ଭଜେ କୃଷ୍ଣ ପାଦ । ତାହାକୁ ନ ଲାଗେ ପ୍ରମାଦ ।।

"ଭୁବନ ବିଦିତ ଦଧୀଚି ଚରିତ ପୁରାଣେ ତ ଅଛି ଶୁଣି
କହି ସ୍ୱସ୍ତି ସ୍ୱସ୍ତି ଦେଲେ ନିଜ ଅସ୍ଥି ବିଶ୍ୱ ହିତେ ମହାମୁନି ।"

ବ୍ୟାସଦେବ କହିଛନ୍ତି; ତୀର୍ଥଭ୍ରମଣ କରିବା ଅପେକ୍ଷା ବୃଦ୍ଧ ମାତାପିତାଙ୍କ ସେବା କରିବା ସବୁଠାରୁ ବଡ଼ତୀର୍ଥ ଅଟେ ।"

ବୃଦ୍ଧମାନଙ୍କ ଉପଦେଶରୁ ଜ୍ଞାନ ଲାଭ ହୁଏ । ରାଜସେବା କଲେ ସାମାଜିକ ପ୍ରତିଷ୍ଠା ବଢ଼େ । ଦାନ ଓ ପୁଣ୍ୟ କଲେ ଯଶ ରହେ ଏବଂ ବାଣିଜ୍ୟ ବ୍ୟବସାୟ କଲେ ଧନସମ୍ପତ୍ତି ଲାଭ ହୁଏ । ଏମିତି ହିତୋପଦେଶ ଆମ ଦେଶ ଛଡ଼ା ଆଉ କେଉଁଠି ମିଳେ ନାହିଁ ।

"ଜ୍ଞାନ ଓ ବିଜ୍ଞାନ ଭିତରେ ହସଖୁସିର ଜୀବନଟିଏ ବିତାଇବା ସମ୍ଭବ" ବୋଲି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଏହି ଉକ୍ତିଟି ବଳିଷ୍ଠ ଓ ପ୍ରେରଣାଦାୟୀ ସେମିତି ସ୍ୱାମୀ ବିବେକାନନ୍ଦଙ୍କର ଉକ୍ତି, କାମନା, ଅଜ୍ଞତା ଏବଂ ଅସମାନତା ଏ ତିନିଗୋଟି ହେଉଛି ବନ୍ଧନର ମୂଳଉତ୍ସ ।" ଏଭଳି ଧ୍ୟେୟ ବାକ୍ୟ ଆଉ କେଉଁ ଦେଶର ଦର୍ଶନ ଶାସ୍ତ୍ରରେ ଅଛି ?

ଡ଼କ୍ଟର ଏ.ପି.ଜେ ଅବଦୁଲ କଲାମଙ୍କ ସ୍ୱରରେ ସ୍ୱର ମିଳାଇବା; "ଚ଼ାଲ ଆଜିର ଦିନକୁ ଉତ୍ସର୍ଗ କରିବା, ଫଳରେ ଆମ ପିଲାମାନେ ଭଲ ଭବିଷ୍ୟତ ପାଇପାରିବେ ।"

"ସମୟର ଗାଡ଼ିକୁ ସିନା ଅଟକାଇ ପାରିବା ନାହିଁ କିନ୍ତୁ ସେହି ଗାଡ଼ିର ଚାଳକ ସାଜି ତା'ର ଗତିପଥକୁ ତ ସ୍ଥିର କରିପାରିବା"

ଆମେ ଯେଉଁଠି ଜନ୍ମ ନେଇଛେ, ଯାହାର ଦାନ ଆମକୁ ବଡ଼ କରିଛି, ତା'ର ରୀତିନୀତି, ଚ଼ଳିଚଳଣି, ପରମ୍ପରା, ସଂସ୍କୃତିକୁ ଆମ ଉତ୍ତରଦାୟାଦଙ୍କ ପାଖରେ ପହଞ୍ଚାଇବା ନାହିଁ ? ନିଜେ ଜାଣି ଅନ୍ୟକୁ ଜଣାଇବା ନାହିଁ ? ନକଲକୁ ଆଉ ଆଖିରେ ନ ଚାହିଁ କେବଳ ଅକଲ ଖଟାଇ ପ୍ରତ୍ୟେକ ଭାରତୀୟ ତା'ର ସଂସ୍କୃତିକୁ ବୁଝି ବିଚାରି ସ୍ୱୟଂସମ୍ପନ୍ନ ହେଉ; ଏହା ଆଜି ଦିନର ଆହ୍ୱାନ । ସୁଦୀର୍ଘ ପଥର ଜୟଯାତ୍ରରେ ସ୍ୱଳ୍ପ ସମୟର ଅବଧି ଆମ ହାତରୁ ଯେମିତି ଖସି ନ ଯାଉ । ପ୍ରତ୍ୟେକ ଶିଶୁ, ପୂର୍ବଛାତ୍ର, ମାତୃଭାରତୀ ଅଭିଭାବକ, ବିଦ୍ୱତ୍ ପରିଷଦ, ଆଚାର୍ଯ୍ୟଆଚାର୍ଯ୍ୟା, ପରିଚାଳନା ସମିତି, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା, ସମାଜର ସବୁ ବର୍ଗର ନରନାରୀ ସମସ୍ତେ ଏକମନ, ଏକକଣ୍ଠ, ଏକତାଳରେ ସଂସ୍କୃତି ବୋଧ ପରିଯୋଜନାର ଏହି କୁମ୍ଭମେଳାରେ ସାମିଲ ହୁଅନ୍ତୁ । ଏହି ପରିପ୍ରେକ୍ଷୀରେ କବି ଖଗେଶ୍ୱର ସେଠଙ୍କର ସେହି କାଳଜୟୀ ଉକ୍ତିଟି ମନେପଡ଼ିଯାଏ ଯାହାକୁ ଅନୁଶୀଳନ କଲେ ଆମେ ଆପଣାଛ । ଏଁ ଅଭିମନ୍ତ୍ରିତ ହୋଇ ଆଗକୁ ଗୋଡ଼ ବଢ଼ାଇବା;

କାହିଁରୁ ମୁଁ ଥିଲି ଆସି        କାଳ ସ୍ରୋତେ ଭାସି
ଶୂନ୍ୟ ହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ        ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ ଯିବେ ନାହିଁ ।'

**ନାରୀକେଳ ସମାକାରା ଦୃଶ୍ୟନ୍ତେଽପି ଚ ସଜ୍ଜନାଃ ।**
**ଅନ୍ୟେ ବଦରିକାକାରା ବହିରେଃ ମନୋହରାଃ ।।**

ସଜ୍ଜନମାନେ ବାହାରକୁ ନଡ଼ିଆ ପରି (ଟାଣ) ଦେଖାଯାନ୍ତି, ଭିତର କୋମଳ (ସୁସ୍ୱାଦୁ) । ଅନ୍ୟମାନେ ବାହାରକୁ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଭିତରେ ବରକୋଳି ପରି ଖଟା ଓ କଠିନତା ଭରି ରହିଥାଏ ।

ହୃଦେ ଗୋବିନ୍ଦ ପାଦ ଧାୟି । ନୟନ ବୁଜି ଯେବେ ଧାଇଁ ।।

**ଚିନ୍ତା ଚେତନା**

# ଏକ ଅଜ୍ଞାତ ତଥା ଅନାବିଷ୍କୃତ ଅଧ୍ୟାୟ

*ଶ୍ରୀ ଚିନ୍ମୟ ରଞ୍ଜନ ଶତପଥୀ*

"ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣଧାର
ସେ ଧାରରୁ ନୀର ପିଇଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।"

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନର ଆନନ୍ଦ ଉଲ୍ଲାସ ମଧ୍ୟରେ ଆମକୁ କବିଙ୍କର ଏହି କାଳଜୟୀ ଆହ୍ୱାନକୁ ମନେପକାଇବାକୁ ପଡ଼ିବ । ଆଉ "ଅମୃତ ମହୋତ୍ସବ" ପାଳନ ସମୟରେ ଆମ ସ୍ୱତନ୍ତ୍ରତା ସଂଗ୍ରାମର ବୀରତ୍ୱ ଗାଥାର ଅମୃତ ଧାରାକୁ ପାନ କରି ନିଜେ ପବିତ୍ର ହେବା ସହ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବାକୁ ପଡ଼ିବ ।

ଭାରତବର୍ଷର ମହାନ ଇତିହାସରେ ଏ ମହାନ ଓଡ଼ିଆ ଜାତି ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ପଖାଳ ଖାଇ ଏ ଓଡ଼ିଆ ଜାତି କେତେବେଳେ ମନ୍ଦିର ଗାତ୍ରରେ ତା' ନିହାଣ ମୁନରେ ଏମିତି ଜୀବନ ଭରି ଦେଇଚି କି ସାରା ବିଶ୍ୱବାସୀ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି । ପୁଣି କେତେବେଳେ ବୋଇତ ଧରି ସାତ ସମୁଦ୍ର ପାରି ହେଇ ତା'ର ନୌବାଣିଜ୍ୟ ମାଧ୍ୟମରେ ଧନରତ୍ନ ବୋହି ଆଣିଛି ଏଇ ମାଟିକୁ । ଖାଲି କଳା, ସଂସ୍କୃତି, ବାଣିଜ୍ୟ ନୁହେଁ ବରଂ ସମର ଭୂମିରେ ମଧ୍ୟ ତା'ର ଆରାଧ୍ୟ କଳା ଧଳା ଦୁଇ ଭାଇଙ୍କୁ ସାକ୍ଷୀ ରଖି ବୀରତ୍ୱ ପ୍ରଦର୍ଶନ କରିଛି । ଆଉ ସେ ସମୟର ଚଣ୍ଡାଶୋକକୁ ମଧ୍ୟ ଧର୍ମାଶୋକରେ ପରିଣତ କଲା ଭଳି ପରିସ୍ଥିତି ସୃଷ୍ଟି କରିପାରିଛି । ସେହି ସାହସୀ ଓଡ଼ିଆ ଜାତି କେମିତି ଚୁପ ହୋଇ ସହିଥାନ୍ତା ଇଂରେଜ ଅତ୍ୟାଚାରକୁ ? ତେଣୁ ଏଇ ମାଟିରୁ ହିଁ ଆରମ୍ଭ ହୋଇଥିଲା ସ୍ୱାଧୀନତାର ମହାସଂଗ୍ରାମ । ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଓଡ଼ିଶା ମାଟି ହିଁ ସ୍ୱାଧୀନତା ସଂଗ୍ରାମର ଆଦିଭୂମି । କାରଣ ୧୮୧୭ ମସିହାରେ ଓଡ଼ିଶାର ଖୋର୍ଦ୍ଧାଗଡ଼ର ସ୍ୱାଭିମାନୀ, ଦୁଃସାହସିକ ପାଇକ ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟମହାପାତ୍ରଙ୍କ ନେତୃତ୍ୱରେ ସର୍ବପ୍ରଥମେ ଶୋଷଣକାରୀ ବିଦେଶୀ ବ୍ରିଟିଶ ଶାସନ ବିରୋଧରେ ଏକ ଗଣ ଆନ୍ଦୋଳନ ସଂଗଠିତ ହୋଇଥିଲା ଯାହା ଐତିହାସିକ ପାଇକ ବିଦ୍ରୋହ ନାମରେ ପରିଚିତ । ବର୍ତ୍ତମାନ ସମୟରେ ଇତିହାସରେ ତା'ର ଉଚିତ ସ୍ଥାନ ପାଇ ନ ଥିବା, ଏକ ଅଜ୍ଞାତ ତଥା ଅନାବିଷ୍କୃତ ଅଧ୍ୟାୟ ଭାବେ ଇତିହାସର ଅନ୍ତରାଳରେ ରହିଯାଇଥିବା, ଓଡ଼ିଶା ତଥା ଭରତର ଏଇ ସର୍ବପ୍ରଥମ ସ୍ୱତନ୍ତ୍ରତା ସଂଗ୍ରାମରେ ବକ୍ସି ଜଗବନ୍ଧୁଙ୍କ ପଛକୁ ଅନେକ ଯୋଗଜନ୍ମା ବୀର ସଂଗ୍ରାମୀମାନେ ଝାସ ଦେଇଥିଲେ । ଭାରତମାତାର ସେହି ମହାନ୍ ସନ୍ତାନମାନଙ୍କ ମଧ୍ୟରୁ ପିଣ୍ଡିକ୍ ବାହୁବଳେନ୍ଦ୍ର, କୃଷ୍ଣଚନ୍ଦ୍ର ବିଦ୍ୟାଧର, ଗୋପାଳ ଛୋଟରାୟ, ପୀତବାସ ମଙ୍ଗରାଜ, ପଦ୍ମନାଭ ଛୋଟରାୟ ଆଦି ଅନ୍ୟତମ । ବକ୍ସିଙ୍କ ନେତୃତ୍ୱରେ ପ୍ରାୟ ୫୦୦ ବୀର ପାଇକ ଗାଁ ଗାଁ ରେ ବୁଲି ବ୍ରିଟିଶ ଶାସାନ ବିରୋଧରେ ଜନମତ ସୃଷ୍ଟିକରି ଆନ୍ଦୋଳନକୁ ବ୍ୟାପକ କରିପାରିଥିଲେ ଯାହାକି ପୂର୍ବ ଓଡ଼ିଶା ଉପକୂଳ ବଙ୍ଗୋପସାଗର ତଟବର୍ତ୍ତୀ କୁଜଙ୍ଗ, ଘୁମୁସର, ନୟାଗଡ଼, ମୟୂରଭଞ୍ଜ, ବୌଦ୍ଧ ଏବଂ ଢେଙ୍କାନାଳ ଭଳି ଗଡ଼ଜାତ ଅଞ୍ଚଳକୁ ମଧ୍ୟ ଖୁବଶୀଘ୍ର ପ୍ରସାରିତ ହୋଇଯାଇଥିଲା ।

୧୮୧୭ ମସିହା ମାର୍ଚ୍ଚ ମାସରେ ଘୁମୁସରରୁ କନ୍ଧମେଳି ଆରମ୍ଭ ହେଲା । ସେମାନେ ଖୋର୍ଦ୍ଧା, ବାଣପୁର ଓ ଲେମ୍ବାଇ ପ୍ରଭୃତି ଅଞ୍ଚଳରେ ପାଇକମାନଙ୍କୁ ସଙ୍ଗଠିତ କଲେ । "ରୋଡଙ୍ଗ" ହିଁ ସଂଗ୍ରାମୀମାନଙ୍କର ପ୍ରଥମ ଶିବିର ଥିଲା । ସଂଗ୍ରାମୀମାନେ ବାଣପୁର ଥାନା ଉପରେ

**ପଥ ନ ଜାଣି ଯେବେ ହୁଡ଼େ । ସେ ପ୍ରାଣୀ କେବେ ହେଁ ନ ପଡ଼େ ।।**

ଆକ୍ରମଣ କରି ଏହାକୁ ଧ୍ୱସଂ କରିଦେଲେ । ବାଣପୁରରେ ସରକାରୀ ପକ୍ଷକୁ କାବୁକରି ସଂଗ୍ରାମୀମାନେ ଚିଲିକା କୂଳରେ ଲୁଣ ଏଜେଣ୍ଟ ବେଚର ସାହେବକୁ ଧରିବାକୁ ଉଦ୍ୟମ କଲାବେଳେ ସେ ଖସି ପଳାଇଲେ । ବକ୍ସି ଜଗବନ୍ଧୁ ଓ ଦେବାନ କୃଷ୍ଣଚନ୍ଦ୍ରଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ଖୋର୍ଦ୍ଧା ଆକ୍ରମଣ କଲେ, ଭୟଭୀତ ହୋଇ ଇଂରେଜ ହାକିମମାନେ କଟକ ପଳାଇଗଲେ, କଟକରେ ବିଦ୍ରୋହ ଖବର ପହଞ୍ଚିବା ପରେ ଇଂରେଜ ସେନାଧ୍ୟକ୍ଷମାନେ କଟକରୁ ଖୋର୍ଦ୍ଧା ବିଦ୍ରୋହ ଅଞ୍ଚଳକୁ ଗତିକଲେ । ଗଙ୍ଗପଡ଼ା ଠାରେ ସଂଗ୍ରାମୀ ଓ ଇଂରେଜମାନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ମାତ୍ର ବୀର ସଂଗ୍ରାମୀମାନଙ୍କ ବୀରତ୍ୱ ଆଗରେ ଇଂରୋଜ ସୈନ୍ୟବାହିନୀ ଅଧିକ ସମୟ ତିଷ୍ଠି ରହିପାରିଲା ନାହିଁ ।

ଇଂରେଜ ସୈନ୍ୟଦଳ ଛତ୍ରଭଙ୍ଗ ଦେଲେ । ସେନାପତି "ପେରିସ" ପ୍ରାଣ ହରାଇଲା ଏବଂ ପ୍ରାଇଡ଼ କଟକକୁ ପଳାୟନ କଲା ଫଳରେ ବୀର ସଂଗ୍ରମୀମାନେ ଅଗ୍ରସର ହେବାକୁ ଲାଗିଲେ । ବିଦ୍ରୋହ ଦମନ ପାଇଁ କଟକରୁ ଯାଇଥିବା ରମ୍ପେଲ ସାହେବ୍ ମଧ୍ୟ ସେମାନଙ୍କର ମୁକାବିଲା କରି ନ ପାରି କଟକ ଫେରି ଆସୁଥିବା ବେଳେ ଭୟଙ୍କର ବିରୋଧର ସମ୍ମୁଖୀନ ହେଲା । ଶେଷରେ "ରମ୍ପିଲି" ସାହେବକୁ ମୁକୁଳାଇବା ପାଇଁ ଇଂରେଜ ସୈନ୍ୟମାନଙ୍କୁ ସଂଗ୍ରାମୀମାନଙ୍କ ଉପରକୁ ତୋପ ଚଳାଇବାକୁ ପଡ଼ିଲା ।

ଏମିତି ଆରମ୍ଭ ହୋଇଥିଲା ଏକ ମହାନ ସାହସୀ ବୀର ଲଢୁଆ ଜାତିର ସ୍ୱତନ୍ତ୍ରତା ସଂଗ୍ରାମର ଆଦ୍ୟପର୍ବ ଯାହାକି ପରବର୍ତ୍ତୀ ସମୟରେ ପୁରୀ, ପିପିଲି ଆଦି ଅଞ୍ଚଳକୁ ବ୍ୟାପିଯାଇଥିଲା । ଇତିହାସରେ ଆଜି ବି ସମୁଚିତ ସ୍ଥାନ ଦାବି କରୁଥିବା ଏହି ବୀରତ୍ୱଭରା ସଂଗ୍ରାମର ଗାଥାକୁ ପଢିଲେ ଓଡ଼ିଆ ବୋଲି ଗର୍ବରେ ଛାତି ଫୁଲି ଉଠେ ।

କିନ୍ତୁ ଦୁଃଖ ଓ ଆଶ୍ଚର୍ଯ୍ୟର କଥା କି ଆଜିର ଯୁବସମାଜ ଏହି ବୀରତ୍ୱର ଗାଥା ସହିତ ସତେ ଯେମିତି ଅପରିଚିତ । ଏବେକାର ଯୁବ ଛାତ୍ରସମାଜକୁ ସ୍ୱାଧୀନତା ସଂଗ୍ରାମ ବିଷୟରେ ପ୍ରଶ୍ନ କଲେ ନିର୍ଦ୍ଦିଷ୍ଟ କେତେ ନାଁ ଶୁଣିବାକୁ ମିଳିବ । ସ୍ୱାଧୀନତା 'ଅମୃତ ମହୋତ୍ସବରେ' ଏହି ପାବନ ବର୍ଷରେ ଆସନ୍ତୁ ନା ଆମର ଅଜସ୍ର ଅନାଲୋଚିତ ବୀର ବଳିଦାନୀମାନଙ୍କ ସଂଗ୍ରାମ ଗାଥାକୁ ପରବର୍ତ୍ତୀ ପିଢ଼ି ପାଖରେ ପହଞ୍ଚାଇବା । ତାହା ହିଁ ହେବ ବୀର ସଂଗ୍ରାମୀମାନଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

*ପ୍ରକାଶନ ବିଭାଗ*
*ଶି.ବି.ସ. ଓଡ଼ିଶା*
*ମୋ : ୯୪୩୮୩୬୬୪୧୧*

## ନୀତିଶ୍ଳୋକ

**ଧନହୀନୋ ନ ହୀନଷ୍ଟ ଧନିକଃ ସୁନିଶ୍ଚୟ ।**
**ବିଦ୍ୟା ରତ୍ନେନ ଯୋହୀନଃ ସଃ ହୀନଃ ସର୍ବ ବସ୍ତୁଷୁ ॥**

ନିର୍ଧନ ମନୁଷ୍ୟ ଛୋଟ ନୁହେଁ, ଧନିକ ସେହି ଯିଏ ନିଜର ସ୍ଥିରତାରେ ଦୃଢ଼, କିନ୍ତୁ ବିଦ୍ୟାରୂପୀ ରତ୍ନରେ ଯେ ହୀନ ସେ ସବୁ ଜିନିଷରେ ହୀନ ଅଟେ ।

ଗପ ଗଜରା

# ଆତ୍ମନିର୍ଭର ଭାଲୁ ଭାଇନା

ଡ. ଚିତ୍ତରଞ୍ଜନ ମିଶ୍ର

ଭାଲୁ ଭାଇନା ଜଙ୍ଗଲର ସବୁଠୁ ଖୁସି ପ୍ରାଣୀ ବୋଲି ଅନ୍ୟ ପ୍ରାଣୀମାନେ ତା' ଉପରେ ଭାରି ଈର୍ଷା କରନ୍ତି । ଦିନସାରା ଗୁରୁଗମ୍ଭୀର ସ୍ୱରରେ ଗୀତ ଗାଇଗାଇ ଜଙ୍ଗଲର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଘୂରି ବୁଲୁଥାଏ । ଖରାଦିନ ସବୁଜ ଘଞ୍ଜଜଙ୍ଗଲଭରା ଇଲାକା ଗ୍ରୀଷ୍ମ ତାପ ବିଲକୁଲ ବାଧୁନି ଜଙ୍ଗଲସାରା ପାଚିଲା ଫଳ ଭର୍ତ୍ତି ତା'ର ଆଉ କ'ଣ ଚିନ୍ତା ? ଆମ୍ବ, ପଣସ, ଲିଚୁ, ପିଜୁଳି, ଜାମୁକୋଳି, କଦଳୀ ଇତ୍ୟାଦି ଫଳ ଖାଇ ତା'ର ଦିନ କଟିଯାଏ । ସନ୍ଧ୍ୟା ହେଲେ ସୁଲୁସୁଲିଆ ପବନ ବହୁଥିବା ଖୋଲା ସ୍ଥାନ ଦେଖି ଟିକିଏ ଘୁମେଇଯାଏ ଏବଂ ପୁଣି ରାତି ସାରା ଗଛକୁ ଗଛ ବୁଲି ପବନ ଧକାରେ ତଳେ ପଡୁଥିବା ପାଚିଲା ଫଳସବୁ ଗୋଟାଇ ଗୋଟାଇ ଖାଏ । ଦିନ-ରାତି ମଜା ହିଁ ମଜା । ପାହାନ୍ତା ପାହାନ୍ତାରୁ ଗୁମ୍ଫାକୁ ଫେରି ନିଘୋଡ଼ ନିଦରେ ଭୋକ ହେଲାଯାଏଁ ଶୁଏ । ଭୋକ ହେଲେ ଗୁମ୍ଫା ବାହାରକୁ ବାହାରି ହାତ ସଳଖେ, ଦି ଚାରିଟା ଲମ୍ବାଲମ୍ବା ହାଇ ସମସ୍ତଙ୍କୁ ଶୁଣେଇଲା ଭଳି ମାରେ ଏବଂ ଅଳସ ପାଦରେ ଖାଦ୍ୟ ଅନ୍ୱେଷଣରେ ବାହାରେ । ପାଚିଲାଫଳର ବାସନା ଯେମିତି ନାକରେ ବାଜିଯାଏ ତା'ର ଚାଲିବାର ଗତି ବଢ଼ିଯାଏ, ଶରୀରରେ ନୂଆ ଫୂର୍ତ୍ତି ଆସିଯାଏ । ତା' ପରେ ପେଟ ପୂଜାରେ ଲାଗିପଡ଼େ । ପେଟ ପୂରିଗଲେ କୋଉ ଗଛ ମୂଳେ ଟିକିଏ ଘୁମେଇ ସ୍ୱପ୍ନ ଦେଖେ । ମନେ ପକାଏ ଶୀତ ଦିନର ମଜା । ବାହାରେ ଶୀତର ତାଣ୍ଡବ ଚାଲିଥିବା ବେଳେ ଗୁମ୍ଫା ଭିତରେ ଯୋଉ ଉଷୁମ ! ଆ ହା ହା ! କି ସୁଖ ଖାଲି ନିଦ ହିଁ ନିଦ । ଆରାମରେ ରାତିଟି କଟିଯାଏ । ସକାଳୁ ସକାଳୁ କଅଁଳିଆ ଖରା ଦେଖି ପେଟ-ପିଠି ସେକି ହବାର ମଜା କିଛି ଅଲଗା । ଖାଇବାର ବି ଅଭାବ ନ ଥାଏ । ଖରାବେଳେ ବୁଲିବୁଲି ଉଇ ହୁଙ୍କାରୁ ଉଇ ମେଞ୍ଚେ, ଝରଣା ପାଣିରୁ ମାଛ ପୁଞ୍ଜେ କି ବଢିଆଳ, ବରକୋଳି, ଅମୃତଭଣ୍ଡାରୁ କିଛି ମିଳିଯାଏ ପେଟ ପୂଜା ପାଇଁ । ସେଥିରେ ସେ ଖୁବ୍ ଖୁସି ।

ବେଳେବେଳେ ମହୁ ଲୋଭରେ ମହୁ ଫେଣା ପାଖକୁ ଯାଏ ଭାଲୁ ଭାଇନା । ହେଲେ ଜଗୁଆଳି ମହୁମାଛିଗୁଡାକ ଦଳଦଳ ହେଇ ମାଡ଼ି ଆସି ଖୁବ୍ ଧମକ ଦିଅନ୍ତି, "ସାବଧାନ" ! ଯେ ଆଡକୁ ନଜର ପକାନା ପୂରା ଦଳ ଦଂଶନ କରିଦେବୁ ଯେ ତୋର ଚଉଦ ପୁରୁଷ ମନେ ପଡିଯିବ । ଭାଲୁ ଭାଇନା ମୁହଁ ଲୁଚେଇ ସେଠାରୁ ଫେରି ଆସେ । ପଛରୁ ମହୁମାଛିଗୁଡାକ ଶୁଣେଇ ଶୁଣେଇ କହନ୍ତି "ଅଳସୁଆ କୋଉଠିକାର, ବୁଲିଖିଆ, ମାଗଣାଖିଆ, ଠକ, ପରଧନ ଉପରେ ନଜର ? ନିଜେ ପରିଶ୍ରମ କରି କିଛି ସାଇତି ରଖୁନୁ ଆ ତା' ଘରେ କାହିଁକି ପଶୁଚୁ ? । ତା'କୁ ଏସବୁ ବାଧେନି । ଜଙ୍ଗଲ ଶେଷ ଗାଁ ମୁଣ୍ଡରେ ଥିବା ଆଖୁ ବାଡ଼ିକୁ ମାଡ଼ିଚାଲେ । ଆଜି ମିଠା ଖାଇବାକୁ ଇଚ୍ଛା ହେଇଛି ମାନେ କେଉଠୁ ହେଲେ ଖାଇବ । ବାଡ଼ିରେ ପଶି

ଭଡଭାଡ କରି ଆଖୁ ମୂଳି ଚୋବେଇବା ଆରମ୍ଭ କଲା ବେଳକୁ କୋଉଠି ଥିଲା ଆଖୁବାଡ଼ି ମାଲିକ ହେ ହେ କରି ପାଟି କରି ଚିଲେଇଲା ଯେ, ଆଖପାଖର ଦଶ-ପନ୍ଦର ଲୋକ ଠେଙ୍ଗା ବାଡି ଧରି ଦଉଡି ଆସିଲେ । ଦି-ଚାରି ପାହାର ବି ପିଠିରେ ପଡିଲା ଭାଲୁ ଭାଇନାର । ରକ୍ଷା ହେଇଛି ଆଖୁ ବାଡ଼ିଟା, ଯଦି ଅନ୍ୟ କିଛି ହେଇଥାନ୍ତା ନିଆଁ ଚେଙ୍ଗି ଦେଇଥାନ୍ତେ ମୁହଁରେ ।

ଖରାଦିନଟି ଖୁବ୍ ମଜାରେ କଟିଗଲା । ଏଥର ଆସିଲା ବର୍ଷାଦିନ । ବିଜୁଳି ଘଡଘଡ଼ି ସାଙ୍ଗକୁ ଝଡ଼ି ବରଷା ଲାଗି ରହିଚି଼ ଦିନଦିନ ଧରି । ଗୁମ୍ଫାରୁ ବାହାର କରିଦଉନି ଜମାରୁ । କେତେଦିନ ଭୋକରେ ପଡ଼ିବ ଗୁମ୍ଫାଟା ଭିତରେ । ବିକଳରେ ପଦାକୁ ବାହାରି ଏଣେତେଣେ ଅନେଇଲା । ତା'ପରେ ବର୍ଷାରେ ଭିଜିଭିଜି ଖାଦ୍ୟ ପାଇଁ ଜଙ୍ଗଲ ଭିତରକୁ ଚାଲିଲା । ବର୍ଷା ପାଣିରେ ଲୋମସବୁ ଓଦା ସରସର । ମୁଣ୍ଡ ଲୋମଗୁଡ଼ାକ ମୁହଁକୁ ପଡି ଆଖି ଘୋଡ଼େଇ ଦଉଛି ବାଟ ଦିଶୁନି ବେଳେବେଳେ କୋଉ ଗଛ ଦେହରେ ଢୁସି ହେଇଯାଉଛି । ତା'ର ଏ ଅବସ୍ଥା ଦେଖି ଗଛ କୋରଡ଼ରେ ଥିବା ଗୁଣ୍ଡଚିମୂଷା ହସି ହସି ବେଦମ । ଉଇ ଓ ପିମ୍ପୁଡ଼ିମାନେ ଥଟ୍ଟା କରି କହନ୍ତି ଭାଲୁ ଭାଇନା କିଛି ରଖିନା କି ସାଇତିକି ଏ ବର୍ଷା ଦିନ ପାଇଁ ? ମହୁମାଛି ଗୁଡ଼ାକ ଫେଣୀ ଭିତରେ ରହି କହନ୍ତି ପୁଅ ତ ମଉଜ କରିକରି ବେଳ କାଟିଲା ରଖିବ କଣ ? ଏବେ ଫଳ ପାଉଛି । ଅଳସୁଆ ହୋଇ ପରଧନ ଉପରେ ନିର୍ଭର କରି କେତେଦିନ ଚାଲିବ ? ପରିଶ୍ରମ କରି ଭବିଷ୍ୟତ ପାଇଁ କିଛି ସଞ୍ଚୟ କର । ନିଜେ କିଛି ବ୍ୟବସ୍ଥା କର । ଆତ୍ମନିର୍ଭର ହେବାକୁ ଚେଷ୍ଟା କର । "ଆତ୍ମନିର୍ଭର କଥାଟା ମନକୁ ଖୁବ୍ ପାଇଲା ଏବଂ ସେଦିନଠୁ ଶପଥ ନେଲା, "ଏଣିକି କିଛି ଗୋଟେ ସ୍ଥାୟୀ ବ୍ୟବସ୍ଥା କରିବ, ଯେମିତି ବର୍ଷ ସାରା ଖାଦ୍ୟ ଅଭାବ ହେବ ନାହିଁ ।"

ଫେରି ଆସି ଗୁମ୍ଫା ପାଖରେ ଖୋଳିବା ଆରମ୍ଭ କଲା । ବର୍ଷାଦିନ, ମାଟି ନରମ ଅଛି, ଏକ ସୁନ୍ଦର ପୋଖରୀ ବନେଇ, ମାଛ ଚାଷ ଆରମ୍ଭ କଲା । ତା' ହିଡ଼ରେ ଗୁଡ଼ାଏ କଦଳୀ ଗଛ ଲଗେଇଲା । କିଛି ଫଳ ଗଛ ଗୁମ୍ଫା ଚାରି ପଟେ ଲଗେଇଲା । ମହୁ ବାକ୍ସ ତିଆରି କରି, ତା' ଚାରି ପାଖେ ଫୁଲ ଗଛ ଲଗେଇ ମହୁ ଚାଷ ଆରମ୍ଭ କଲା । ଏମିତି ଅନେକ ଜୀବିକାକୁ ଆପଣେଇ ଏକ ଆତ୍ମନିର୍ଭର ପ୍ରାଣୀରେ ପରିଣତ ହେଲା । ଭାଲୁ ଭାଇନାକୁ ଆଉ ଜଙ୍ଗଲରେ ଏପାଖ ସେପାଖ ବୁଲିବାର କେହି ଦେଖିଲେ ନାହିଁ । ସୁନ୍ଦର ପରିବେଶ ମଧ୍ୟରେ ଭାଲୁ ଖୁବ୍ ଖୁସିରେ ଥିବା ଦେଖି ସବୁ ପ୍ରାଣୀ ସିଂହ ରାଜାଙ୍କୁ ଖବର ଦେଲେ । ଦିନେ ସିଂହ ରାଜା ଭାଲୁର ଏ ପ୍ରକାର ଆତ୍ମନିର୍ଭର ଯୋଜନାକୁ ଦେଖିବା ପାଇଁ ଆସିଲେ ଏବଂ ତାକୁ ଜଙ୍ଗଲର ଏକ ଆଦର୍ଶ ପ୍ରାଣୀ ଭାବେ ପୁରସ୍କୃତ କଲେ ।

*ପଞ୍ଚାୟତ ମହାବିଦ୍ୟାଳୟ*
*ଫିରିଙ୍ଗିଆ, କନ୍ଧମାଳ,୭୬୨୦୧୧*

ଗଳ୍ପ ଗଜରା

# ବିଶ୍ୱାସୀ କୁକୁର

*ଶ୍ରୀ ରଞ୍ଜନ କୁମାର ନାୟକ*

ହରିଚ୍ଚନ୍ଦନପୁର ଗ୍ରାମର ସତ୍ୟାନନ୍ଦ ବାବୁ ହେଲେ ଜଣେ ଶାନ୍ତ, ସରଳ, ଓ ଭଦ୍ରଲୋକ । ସେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ । ଭୁବନେଶ୍ୱରରେ ସରକାରୀ କ୍ୱାଟରରେ ରୁହନ୍ତି । ସାଥୀରେ ସହଧର୍ମିଣୀ ସୁମିତ୍ରା ଦେବୀ ରୁହନ୍ତି । କାଲି ପରି ଲାଗୁଛି, ସୁମିତ୍ରା ଦେବୀ ସଦାନନ୍ଦ ବାବୁଙ୍କୁ ଦୀର୍ଘ ୨୫ବର୍ଷ ତଳେ ବିବାହ କରି ହରିଚ୍ଚନ୍ଦନପୁର ଗ୍ରାମରେ ଥିବା ସେହି ଝାଟିମାଟି ଘରକୁ ବୋହୂ ହୋଇ ଆସିଥିଲେ । ସୁମିତ୍ରାଦେବୀ ଶାଶୁଶ୍ୱଶୁରଙ୍କୁ ଖୁବ୍ ସେବା କରିଛନ୍ତି । ସେମାନଙ୍କ ଅନ୍ତେ ଭୁବେନଶ୍ୱରରେ ସ୍ୱାମୀଙ୍କ ପାଖରେ ଯାଇ ରହୁନ୍ତି । ଦୀନଦୁଃଖୀ, ଅଭାବୀ ଲୋକମାନଙ୍କ ମନକଥା ବେଶ ବୁଝିପାରନ୍ତି । ପଶୁପକ୍ଷୀମାନଙ୍କୁ ଖାଦ୍ୟ ପାଣି ଦେଇ ଖୁବ୍ ଖୁସି ହୁଅନ୍ତି କିନ୍ତୁ ବିଧିର ବିଧାନ କେ କରିବ ଆନ, ଭଗବାନ ସୁମିତ୍ରା ଦେବୀଙ୍କ କୋଳକୁ ସନ୍ତାନଟିଏ ଦେଲେ ନାହିଁ ।

ସତ୍ୟାନନ୍ଦ ବାବୁ ମଧ୍ୟ ନିଜ କର୍ମକୁ ଆଦରି ସୁମିତ୍ରା ଦେବୀଙ୍କ ସହ ଆଲୋଚ୍ନା କରି ନିଜ ଗ୍ରାମରେ ଏକ ଅନାଥାଶ୍ରମ ଖୋଲିଲେ । ଅବସର ନେଲା ପରେ ସେହିଠାରେ ବାକି ଜୀବନ କଟାଇବେ ବୋଲି ଉଭୟ ସ୍ଥିର କଲେ । ସେହିଦିନଠାରୁ ନିଜ ରୋଜଗାର ଅର୍ଥରୁ ସର୍ବନିମ୍ନ ଖର୍ଚ୍ଚ ପାଇଁ କିଛି ଅର୍ଥ ରଖି ବାକି ସମସ୍ତ ଅର୍ଥ ଅନାଥାଶ୍ରମରେ ଲଗାଇ ଖୁବ୍ ଆତ୍ମସନ୍ତୋଷ ଲାଭ କରନ୍ତି । ମଝିରେ ମଝିରେ ସୁମିତ୍ରା ଦେବୀ ଅନାଥାଶ୍ରମକୁ ଆସି କିଛି ସମୟ କଟାନ୍ତି । ସତ୍ୟାନନ୍ଦ ବାବୁ ଛୁଟି ହେଲେ ଅନାଥାଶ୍ରମରେ ଆସି ରୁହନ୍ତି । ଭୁବନେଶ୍ୱରରେ ରହୁଥିବା ବାସଭବନରେ ଏକ କୁକୁରକୁ ପାଳିଥିଲେ । ସନ୍ତାନସନ୍ତତି କିଛି ନ ଥିବାରୁ କୁକୁର କାଳୁକୁ ବହୁତ ଗେହ୍ଲା କରନ୍ତି । ସତେ ଯେମିତି କାଳୁ ତାଙ୍କ ଅତି ଆଦରର ପୁଅଟିଏ । କାଳୁର ଯତ୍ନ ନିଜ ହାତରେ ନିଅନ୍ତି । କାଳୁ ବି ସେମିତି ବାବୁଙ୍କୁ ପ୍ରଭୁ ବୋଲି ଭାବି ତାଙ୍କର ପ୍ରତିଟି ନିର୍ଦ୍ଦେଶକୁ ଅପେକ୍ଷା କରିଥାଏ । ବାତ୍ସଲ୍ୟ ମମତା ଦେଉଥିବା ମଣିଷର ମନ କଥାକୁ କୁକୁର କାଳୁ ପଶୁଟିଏ ହେଲେ ବି ବୁଝିପାରେ । ବାବୁ ଘରେ କାର୍ଯ୍ୟବ୍ୟସ୍ତ ଥିଲାବେଳେ ସେ ବାବୁଙ୍କ ସୁରକ୍ଷା ଦୃଷ୍ଟିରୁ ନଜର ରଖିଥାଏ । ବାବୁ ଏକୁଟିଆ ଥିଲା ବେଳେ ଆସି ଗେହ୍ଲା ହୁଏ । ବାବୁଙ୍କର ସାମାନ୍ୟ ଦେହ ଖରାପ ଦେଖିଲେ ତା' ଆଖିରୁ ଆପେ ଆପେ ଲୁହ ଗଡ଼ିଆସେ । ବାବୁ ନ ଖାଇ ଯଦି ଅଫିସ୍ ବାହାରନ୍ତି ତେବେ ସେ ଦ୍ୱାର ମୁହଁରେ ଠିଆହୋଇ ବାଟ ଓଗାଳି ବସେ । ପଶୁ ହେଲେ ବି ସେ ବହୁତ ଶୃଙ୍ଖଳିତ । ସତ୍ୟାନନ୍ଦ ବାବୁଙ୍କୁ ସେ ବେଶି କିଛି ହଇରାଣ କରେ ନାହିଁ । କାଳୁର ଆଉ ଗୋଟେ ବିଶେଷ ପରିଚୟ ଅଛି । ସେ ବହୁତ ଶିକାରୀ । ସେ ଲୋକଙ୍କ ଆଖି ଦେଖି ଜାଣିପାରେ ସେ କେଉଁ ପ୍ରକାର ଲୋକ ବୋଲି । ସେଥିପାଇଁ ବାବୁଙ୍କ ସୁରକ୍ଷା ପାଇଁ ସର୍ବଦା ତତ୍ପର ଥାଏ ।

ଦିନକର ଘଟଣା ସତ୍ୟାନନ୍ଦ ବାବୁଙ୍କର ବାଲ୍ୟବନ୍ଧୁ ଓ ତାଙ୍କ ଧର୍ମପତ୍ନୀ ଆସି ପହଞ୍ଚିଲେ । ମିଛିମିଛିକା ଅଭିନୟ କରି କହିଲେ କିଛିଦିନ ବନ୍ଧୁ ତୁମ ଘରେ ଆଶ୍ରୟ ଦେଲେ ଆମେ ରୁହନ୍ତୁ, ଏବଂ ଅଳ୍ପ ଦିନ ପରେ ଆମେ ପଳାଇଯିବୁ । ସେହି ସମୟରେ ସୁମିତ୍ରା ଦେବୀ ଆଶ୍ରମ କାମରେ ଗାଁକୁ ପଳାଇଯାଇଥିଲେ । ଘରେ ସୁମିତ୍ରା ଦେବୀ ନ ଥିବାରୁ ସତ୍ୟାନନ୍ଦ ବାବୁ ପ୍ରଥମେ ରାଜି ହେଉ ନ ଥିଲେ । ମାତ୍ର ବନ୍ଧୁ ପତ୍ନୀ କହି ପକାଇଲେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ରୋଷେଇ କରିଦେବି । ସତ୍ୟାନନ୍ଦ ବାବୁ ଶାନ୍ତ, ସରଳ ଲୋକ ହୋଇଥିବାରୁ ଏମାନଙ୍କ କପଟ ଜାଣି ପାରିଲେ ନାହିଁ । କିନ୍ତୁ କୁକୁର କାଳୁ ବୁଝିପାରୁଥାଏ ତେଣୁ ଏମାନଙ୍କୁ ଦେଖିଲା ମାତ୍ରେ ଭୁକିବା ଆରମ୍ଭ କରିଦେଉଥାଏ । ସତ୍ୟାନନ୍ଦ ବାବୁ କାଳୁକୁ ବୁଝାଇ ଦେଲେ କାଳୁ ଏମାନେ ଆମ ଅତିଥି । ଏମାନଙ୍କୁ ଦେଖି ଏମିତି ଭୁକିବୁ ନାହିଁ ।

କାଳୁକୁ କିନ୍ତୁ ବାବୁଙ୍କ କଥା ଆଦୌ ଭଲ ଲାଗୁ ନ ଥାଏ । ସେ ସେହି ଦୁଇଜଣଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥାଏ । ଏହା ଭିତରେ କିଛି ଦିନ ବିତିଗଲା । ସତ୍ୟାନନ୍ଦ ବାବୁ ସବୁଦିନ ଭଳି ଅଫିସ୍ ବାହାରିଛନ୍ତି ଏହି ସମୟରେ ତାଙ୍କ ବାଲ୍ୟ ବନ୍ଧୁ ଆସି ହଠାତ୍ କହିଲେ; ଆଜି ଆମେ ପଳାଇଯିବୁ । ଗଲାବେଳେ ଆମେ ଘରର ଚାବି ପକାଇ ତୁମକୁ ତୁମ ଅଫିସ୍‌ରେ ଦେଇଯିବୁ । କିନ୍ତୁ ତୁମ କୁକୁର କାଳୁକୁ ଭାରି ଡ଼ର ଲାଗୁଛି । ତୁମେ ତାକୁ ଛାତ ଉପରେ ଛାଡ଼ି କବାଟ ବନ୍ଦ କରିଦେଇଯାଅ । ସରଳ ବିଶ୍ୱାସୀ ସତ୍ୟାନନ୍ଦ ବାବୁ କହିଲେ, ହଁ, ସତରେ କାଳୁଟା ଜୋର କରି ଭୁକିବ । ହଇରାଣ କରିବ ତୁମ ଦୁଇଜଣଙ୍କୁ । ତା'ପରେ ବନ୍ଧୁଙ୍କ କଥା ମାନି କୁକୁରକୁ ଛାତ ଉପରେ ବନ୍ଦ କରି ରଖିଦେଲେ । କାଳୁ କିନ୍ତୁ ସେ ଦୁଇଜଣ କଥା ହେଉଥିବାର ଶୁଣିଛି । ସେ ସତ୍ୟାନନ୍ଦ ବାବୁ ଅଫିସ୍ ପଳାଇଗଲେ ସେ ଘରୁ କ'ଣ ସବୁ ଚୋରି କରିନେବେ ବୋଲି । ତେଣୁ କାଳୁ ଯେତେ ଭୁକିକି ଆପତ୍ତି କଲେବି ସତ୍ୟାନନ୍ଦ ବାବୁ କିଛି ଶୁଣିଲେ ନାହିଁ ।

ତା'ପରେ ସତ୍ୟାନନ୍ଦ ବାବୁ ଯେମିତି ଅଫିସ୍ ପଳାଇଗଲେ ଏମାନେ ଆଲମାରୀରୁ ଟଙ୍କାପଇସା, ସୁମିତ୍ରା ଦେବୀଙ୍କର ସୁନାଗହଣା, ଦାମୀନାମୀ ଶାଢ଼ି ସବୁ ବାହାର କରି ତାଙ୍କ ବ୍ୟାଗ୍‌ରେ ଭର୍ତ୍ତି କରି ବାହାରିଲେ । କୁକୁର କାଳୁ ଛାତ ଉପରେ ଥାଇ ଶିକାରୀ ଭଳି ରହିଛି । ଏମାନେ ଯେମିତି ଘରର ଫାଟକ ଖୋଲି ପାଦକୁ ବାହାରିଛନ୍ତି କାଳୁ ତଳକୁ ଖୁବ୍ ଜୋରରେ ଡେଇଁ ପଡ଼ି ଏ ଦୁଇଜଣଙ୍କୁ ସାମ୍ନାପଟୁ ଘେରିଲା । ଠିକ୍ ଏହି ସମୟରେ ସତ୍ୟାନନ୍ଦ ବାବୁ ମୋବାଇଲ ଛାଡ଼ି ଯାଇଥିବାରୁ ଅଧାବାଟରୁ ଘରକୁ ଫେରିଛନ୍ତି । ସେହି ସମୟରେ ଦେଖିଲେ, କାଳୁ ବନ୍ଧୁ ଓ ବନ୍ଧୁପତ୍ନୀଙ୍କୁ କାମୁଡ଼ିବାକୁ ଗୋଡ଼ାଉଛି । ସତ୍ୟାନନ୍ଦ ବାବୁ କାଳୁର ଏପରି ଅଭଦ୍ରାମି ଦେଖି ଖୁବ୍ ଲଜ୍ଜିତ ହେଲେ । ସେ କାଳୁକୁ ଯେତେ ଡାକିଲେ କାଳୁ ବାବୁଙ୍କ କଥା ଆଦୌ ଶୁଣିଲା ନାହିଁ । ସତ୍ୟାନନ୍ଦ ବାବୁ କିଛି ଉପାୟ ନ ପାଇ ଭାବିଲେ କାଳୁ କାଳେ କାମୁଡ଼ି ଦେବ ତାଙ୍କ ବନ୍ଧୁଙ୍କୁ, ସେଥିପାଇଁ ସେ ଏକ ବାଡ଼ିରେ ଜୋର କରି କାଳୁକୁ ପିଟିଦେଲେ । ବାବୁଙ୍କ ବାଡ଼ିର ପାହାରଟା କୁକୁରର ଗୋଡ଼ରେ ନ ବାଜି ମୁଣ୍ଡରେ ବାଜିଗଲା । ହଠାତ୍ କୁକୁରଟି ସେହିଠାରେ ଟଳିପଡ଼ିଲା । ତା'ପରେ ସତ୍ୟାନନ୍ଦ ବାବୁଙ୍କର ରାଗ ଖସିଗଲା । କାଳୁ ମୃତ୍ୟୁରେ ଭାଙ୍ଗିପଡ଼ିବା ପୂର୍ବରୁ ମନକୁ ଆସିଲା ଯେ, ଦୀର୍ଘଦିନ ହେଲାଣି ଏ କାଳୁ ମୋର ଏତେ ବିଶ୍ୱାସୀଟି ଥିଲା ଆଜି ମୋ କଥା କାହିଁକି ନ ମାନି ମୋ ବନ୍ଧୁଙ୍କୁ ଏତେ ହଇରାଣ କରିବା ସହିତ ମୋ ସମ୍ମାନକୁ ତଳେ ପକାଇ ଦେଲା । ଏ କଥାରେ କିଛି ତ ଅଛି ! ଏହି କଥା ଭାବି ଦୁଃଖ କରିବା ସମୟରେ ଦେଖିଲେ ବନ୍ଧୁ ଓ ତାଙ୍କ ଧର୍ମପତ୍ନୀ କିଛି ନ କହି ତରବର ହୋଇ ପଳାଇଯାଉଛନ୍ତି ।

ସତ୍ୟାନନ୍ଦ ବାବୁଙ୍କ ସନ୍ଦେହ ବଢ଼ିଗଲା । ବନ୍ଧୁ ଧରିଥିବା ବ୍ୟାଗ୍‌ଟିକୁ ଛଡ଼ାଇ ଆଣି ଦେଖିଲେ ବ୍ୟାଗ୍ ଭିତରେ ସୁମିତ୍ରା ଦେବୀଙ୍କର ସୁନା ଗହଣା ଶାଢ଼ି, ପୁଣି କିଛି ଟଙ୍କା ଅଛି । ନିଜର ବାଲ୍ୟ ବନ୍ଧୁଙ୍କୁ ବିଶ୍ୱାସ କରି ଅତି ଆଦରରେ ପାଳି ରଖିଥିବା ନିଜର ଅତି ବିଶ୍ୱାସୀ କୁକୁରକୁ ନିଜ ହାତରେ ମାରିଦେଲେ । କୁକୁରଟି ପଶୁ ହେଲେ ମଧ୍ୟ ନିଜ ମାଲିକ ପାଇଁ ନିଜ ଜୀବନକୁ ବଳି ପକାଇଦେଲା ପଛେ ମାଲିକର କିଛି କ୍ଷତି ହେବାକୁ ଦେଲା ନାହିଁ ।

*ସରକାରୀ ପ୍ରାଥମିକ ବିଦ୍ୟାଳୟ,*
*ଆମ୍ବପାଳ, କଣିହାଁ*
*ଅନୁଗୋଳ*



## ଆମ ସଂସ୍କୃତି ଓ ପରମ୍ପରା

# ମକର ଉତ୍ସବ

ଶ୍ରୀଯୁକ୍ତ ଧରଣୀଧର ଦାସ

ବାର ମାସରେ ତେର ପର୍ବ ହିନ୍ଦୁ ସମାଜରେ ପ୍ରଚଳିତ । ପୂର୍ଣ୍ଣମୀ, ଅମାବାସ୍ୟା, ସଂକ୍ରାନ୍ତି ଏବଂ ଅନ୍ୟାନ୍ୟ ତିଥିବାରକୁ ନେଇ ଉତ୍ସବ ମୁଖରିତ ହୋଇ ଉଠେ ଓଷା, ବ୍ରତ, ପର୍ବପର୍ବାଣିର ନାମ ଧରି । ତନ୍ମଧ୍ୟରୁ ମକର ସଂକ୍ରାନ୍ତି ବା ମକର ଉତ୍ସବ ଅନ୍ୟତମ । ମକର ସଂକ୍ରାନ୍ତି ମାଘ ମାସର ପ୍ରଥମ ଦିନ । ମକର ଉତ୍ସବ କୌଣସି ଗୋଟିଏ ଅଞ୍ଚଳର ପର୍ବ ନୁହେଁ, ଏହା ସମଗ୍ର ଭାରତର ଏକ ବଡ ପର୍ବ । ଏହା ଏକ କୃଷିଭିତ୍ତିକ ତଥା ପରମ୍ପରା ଆଧାରିତ ପର୍ବ ।

ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୁଏ । ସୂର୍ଯ୍ୟ ମକର ରାଶିକୁ ଆସି ବିଷୁବ ରେଖା ଆଡ଼କୁ କ୍ରମଶଃ ଗମନ କରନ୍ତି । ଓଡ଼ିଶାରେ ଗୋଟିଏ ପ୍ରବାଦ ଅଛି- "ମକର ଠାରୁ ବକର ହୁଏ," ଅର୍ଥାତ୍ ଏହି ସଂକ୍ରାନ୍ତି ଠାରୁ ସୂର୍ଯ୍ୟ ସିଧା ପୂର୍ବରେ ଉଦୟ ହୋଇ ସିଧା ପଶ୍ଚିମରେ ଅସ୍ତ ଯାଆନ୍ତି ନାହିଁ । ଏହା କ୍ରମଶଃ ଉତ୍ତରପୂର୍ବ (ଐଶାନ୍ୟ କୋଣ) ଦିଗ କରି ଦକ୍ଷିଣ ପଶ୍ଚିମ (ନୈର୍ଋତ କୋଣ) ଦିଗରେ ଅସ୍ତ ହେବା ଆରମ୍ଭ ହୁଏ । ଅତଏବ ଦିନ କ୍ରମଶଃ ବଢ଼ିବାକୁ ଲାଗେ । ଏହି କଥାଟିକୁ ମଧ୍ୟ ବୈଜ୍ଞାନିକମାନେ କହନ୍ତି : ମକର ଠାରୁ ସୂର୍ଯ୍ୟ ଚକରେ (ଏକ ଅକ୍ଷାଂଶ ବୃତ୍ତ) ବଢେ । ଉତ୍ତର ଗୋଲାର୍ଦ୍ଧରେ ଦିନ ବଢ଼ିବାକୁ ଲାଗେ । ସୂର୍ଯ୍ୟଙ୍କର ତେଜ ମଧ୍ୟ ଏହି ସଂକ୍ରାନ୍ତି ଠାରୁ ପ୍ରଖର ହୁଏ । ହିନ୍ଦୁମାନଙ୍କର ବିଶ୍ୱାସ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ହୁଏ ସେମାନଙ୍କ ସ୍ୱର୍ଗଲୋକର ଗତିପଥ ସୁଗମ ହୁଏ । ମହାଭାରତର ଇଚ୍ଛା ମୃତ୍ୟୁଧାରୀ ଭୀଷ୍ମ ମଧ୍ୟ ଏହି କାମନା ରଖି ଏହି ସମୟରେ ଦେହ ତ୍ୟାଗ କରିଥିଲେ । ଦକ୍ଷିଣ ଭାରତରେ ଏହି ପର୍ବ ପାଳନର ବୈଶିଷ୍ଟ୍ୟ ଯେ, ମକର ସଂକ୍ରାନ୍ତି ଦିନ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା । ଗୋଟିଏ ଘରେ ପିଣ୍ଡ ସାମଗ୍ରୀ, ବିବିଧ ଖାଦ୍ୟ ପଦାର୍ଥ, ନୂତନ ବସ୍ତ୍ର ପ୍ରଭୃତି ପିତୃପୁରୁଷଙ୍କୁ ଅର୍ପଣ କରି ଘରଟିକୁ ଆବଦ୍ଧ କରି ଦିଆଯାଏ । ସେମାନଙ୍କର ବିଶ୍ୱାସ ମନୁଷ୍ୟର ମୃତ ଆତ୍ମା ସୂକ୍ଷ୍ମ ଶରୀରରେ ଆସି ସେ ସବୁ ଗ୍ରହଣ କରେ । ଏହି ଦିନ ଆଲୋକ ଏବଂ ଜୀବନର ଉତ୍ସ ସୂର୍ଯ୍ୟଙ୍କୁ ହିନ୍ଦୁମାନେ ପୂଜାର୍ଚ୍ଚନା କରନ୍ତି ସୂର୍ଯ୍ୟମନ୍ତ୍ର ପାଠ କରି ।

ଆଦିତ୍ୟସ୍ୟ ନମସ୍କାରାନ୍ ଯେ କୁର୍ବନ୍ତି ଦିନେ ଦିନେ ।<br>
ଦୀର୍ଘମାୟୁର୍ବଳଂ ବୀର୍ଯ୍ୟଂ ତେଜସ୍ତେଷାଂ ଚ ଜାୟତେ ।।<br>
ଅକାଳ-ମୃତ୍ୟୁ ହରଣଂ ସର୍ବବ୍ୟାଧି-ବିନାଶନମ୍ ।<br>
ସୂର୍ଯ୍ୟପାଦୋଦକଂ ତୀର୍ଥଂ ଜଠରେ ଧାରୟାମ୍ୟହମ୍ ।।

ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ ଅରୁଆ ଚାଉଳ, ଛେନା, କଦଳୀ, ଘିଅ, ଦୁଧ, ମହୁ, ଇତ୍ୟାଦି ସୁମିଷ୍ଟ ମିଶ୍ରଣକୁ ଏହି ମନ୍ତ୍ର ମାଧ୍ୟମରେ ସୂର୍ଯ୍ୟଙ୍କୁ ନୈବେଦ୍ୟ (ମକର ଚାଉଳ) ଦେଲେ ସୂର୍ଯ୍ୟ ଦେବତା ପରିବାର ଉପରେ ପ୍ରସନ୍ନଚିତ୍ତ ହୁଅନ୍ତି ଏବଂ ମକର ଚାଉଳ ସେବନ କଲେ ବିବିଧ ରୋଗ ବିନାଶ ହେବା ସହିତ ଶରୀର ହୃଷ୍ଟ ପୁଷ୍ଟ ଓ ତେଜୋବନ୍ତ ହୋଇଥାଏ । ଅକାଳ ମୃତ୍ୟୁ ଗ୍ରାସ କରେ ନାହିଁ । ଠିକ୍ ସେହିପରି ମଧ୍ୟ ଏହି ଦିନରେ ଶିବଙ୍କର ପୂଜାର୍ଚ୍ଚନା ହୋଇଥାଏ । ଶିବ ମକରଧ୍ୱଜ ନାମରେ ପରିଚିତ । ଶିବ ମଙ୍ଗଳମୟ, ଜନ୍ମ ମୃତ୍ୟୁର ନିୟନ୍ତକ, ତାଙ୍କୁ ଏହି ଦିନ ପୂଜା କଲେ, ପରିବାରର ଲୋକ ସୁସ୍ଥ ସବଳ ରହନ୍ତି । ପରିବାରରେ ଅକାଳ ମୃତ୍ୟୁ ପ୍ରବେଶ କରେ ନାହିଁ, ଅସ୍ୱାଭାବିକ ମୃତ୍ୟୁ ବନ୍ଧନରୁ ପରିବାର ରକ୍ଷାପାଏ ।

ମନ୍ତ୍ର :- ଓଁ ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟି ବର୍ଦ୍ଧନମ୍ ।<br>
ଉର୍ବାରୂକମିବ ବନ୍ଧନାତ୍ ମୃତ୍ୟୋର୍ମୁକ୍ଷୀୟମାମୃତାତ୍ ।।

ପଶ୍ଚିମ ବଙ୍ଗରେ ଏହି ଉତ୍ସବକୁ "ବାବନ ପୋରୀ" ଉତ୍ସବ କହନ୍ତି । ସେଦିନ ସ୍ତ୍ରୀ ଲୋକମାନେ ଦୁବ ଧରି ଭଗବାନଙ୍କୁ ସ୍ମରଣ କରି ଭଣ୍ଡାର ଘର ଚତୁଃପାର୍ଶ୍ୱରେ "ପାବନ ପୋରୀ" ଶବ୍ଦ ଉଚ୍ଚାରଣ କରି ପ୍ରଦକ୍ଷିଣ କରନ୍ତି । ଏହାର ଅର୍ଥ : ଏହି ସମୟରେ ଫସଲ ଅମଳ

ସରିଥାଏ । ତେଣୁ ସେମାନଙ୍କର ଭଣ୍ଡାର କ୍ଷୀଣ ନ ହୋଇ ଧନ ସମ୍ପତ୍ତି ବାଉନ ଗୁଣ ହେଉ, ଏହି କାମନା କରି ସେମାନେ ଏହି ପର୍ବ ପାଳନ କରନ୍ତି । କେହି କେହି ଅପୁତ୍ରିକ ସ୍ତ୍ରୀଲୋକ ଏହି ଦିନକୁ ଦଧି ମନ୍ଥନ ବ୍ରତ ରୂପେ ପାଳନ କରନ୍ତି । ବ୍ରତଧାରୀ ସ୍ତ୍ରୀ ଲୋକ ସ୍ନାନ ସାରି ଭୂମିକୁ ଲିପାପୋଛା କରି ତା' ଉପରେ ଗୋଟିଏ ସ୍ୱସ୍ତିକ ଚିହ୍ନ ଅଙ୍କନ କରନ୍ତି । ସେହି ଚିହ୍ନ ଉପରେ ଅକ୍ଷତ ଗହମ ବା ଧାନ ଶସ୍ୟ ରଖି ତା' ଉପରେ ଦଧି ଭାଣ୍ଡ ରଖନ୍ତି । ମଧ୍ୟାହ୍ନ ପର୍ଯ୍ୟନ୍ତ ବ୍ରତଧାରିଣୀ କୃଷ୍ଣଲୀଳା ପବିତ୍ର ମନରେ ପାଠ କରନ୍ତି । ତା' ପରେ ଦଧିମନ୍ଥନ କରନ୍ତି । ମନ୍ଥନ ପରେ ସେଠାରେ ସୁବର୍ଣ୍ଣର କୃଷ୍ଣ ଓ ଯଶୋଦାଙ୍କର ପ୍ରତିମା ରଖି ପୂଜା କରନ୍ତି । ଦଧିଭାଣ୍ଡରେ ସିନ୍ଦୂର, ଫୁଲହାର, ରେଶମୀ ବସ୍ତ୍ର ପିନ୍ଧାଯାଏ । ଦଧିଭାଣ୍ଡରେ ଦେବୀ ଓ ଦଣ୍ଡରେ ସୂର୍ଯ୍ୟଙ୍କୁ ଆବାହାନ କରାଯାଏ । (ଆଠ ଦିନ ପର୍ଯ୍ୟନ୍ତ ସେଠାରେ ଆଠଟି ଦୀପ ଜଳାଯାଏ ।) ସେଠାରେ ଚାଉଳ, ଖଇ, ଆଖୁ, ଲବଣୀ, ଛେନା ଆଦି ଭୋଗ କରି ବ୍ରତଧାରିଣୀମାନେ ସ୍ତନ୍ୟପାନ କରୁଥିବା କୃଷ୍ଣ, ଯଶୋଦାଙ୍କ ଚିତ୍ରକୁ ଲକ୍ଷ୍ୟ କରି ଧ୍ୟାନ କରନ୍ତି । ଏପରି କଲେ କୃଷ୍ଣ ପରି ପୁତ୍ର ପ୍ରାପ୍ତି ହେବାର ବିଶ୍ୱାସ ବ୍ରହ୍ମାଣ୍ଡ ପୁରାଣରେ ଉଲ୍ଲେଖ ଅଛି ।

ସାଧାରଣତଃ ମକର ଉତ୍ସବ ସାରା ଭାରତରେ ପାଳନ କରାଯାଉଥିବା ବେଳେ ଏହାର କଳେବର ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ହୋଇଥାଏ । ଦକ୍ଷିଣ ଭାରତରେ ଏହି ଉତ୍ସବ "ପୋଙ୍ଗଲ" ବା ନୂଆବର୍ଷ ଭାବରେ ପାଳିତ ହୋଇଥାଏ । ଏହି ପର୍ବକୁ ସେମାନେ ତିନିଦିନ ଧରି ପାଳନ କରିଥାନ୍ତି । ଘର ଦାଣ୍ଡ ଦୁଆରେ ମୁରୁଜ ଚିତା ପକାଇବା, ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା, ନୂଆବର୍ଷ ପାଳିବା ପିଠାପଣାର ଆୟୋଜନ କରିବା, ନୂଆଲୁଗା ପିନ୍ଧିବା ଏବଂ ମଉଜ ମଜଲିସ୍ କରିବା ସେମାନଙ୍କୁ ଆନନ୍ଦ ଦେଇଥାଏ ।

କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ମକର ପର୍ବକୁ ଦୁଇଦିନ ଧରି କରନ୍ତି । ନୂତନ ବସ୍ତ୍ର ପରିଧାନ କରି ମନ୍ଦିରର ଦେବାଦେବୀଙ୍କୁ ନୂଆଗୁଡ଼, ତିଳ, ଚିନାବାଦାମ ଇତ୍ୟାଦିରୁ ପ୍ରସ୍ତୁତ ସୁସ୍ୱାଦୁ ନୈବେଦ୍ୟ ଅର୍ପଣ କରନ୍ତି । ସଂକ୍ରାନ୍ତିର ପର ଦିନକୁ ସଂକ୍ରାନ୍ତିର ସାନ ଭଉଣୀ ବୋଲି କହନ୍ତି । ଏହି ଦିନ ବିଭିନ୍ନ ମିଷ୍ଟାନ୍ନ, ହାଲୁଆ ଆଦି ପ୍ରସ୍ତୁତ କରି ସାହିପଡ଼ିଶା, ବନ୍ଧୁବାନ୍ଧବଙ୍କୁ ଦେଇ ସେମାନଙ୍କର ଶୁଭକାମନା କରନ୍ତି ।

ବିହାରର ସିଂହଭୂମି, ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ସାନ୍ତାଳ ସଂପ୍ରଦାୟର ଆଦିବାସୀମାନେ ବଡ଼ ଧୂମଧାମରେ ତିନିଦିନ ବ୍ୟାପି ଏହି ପର୍ବ ପାଳନ କରନ୍ତି । ଏହି ପର୍ବରେ ସେମାନେ କୌଣସି କାମଧନ୍ଦା ନ କରି ତାଙ୍କର ଦେବାତାଙ୍କୁ ପୂଜା କରି ଖିଆପିଆ, ନାଚଗୀତରେ ବିଭୋର ହୋଇ ବନଭୂମିକୁ ମୁଖରିତ କରନ୍ତି । ଏହି ଅଞ୍ଚଳରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟ ଲୋକ ଏହି ପର୍ବକୁ 'ଟୁସୁ ପରବ' ରୂପେ ପାଳନ କରିଥାନ୍ତି । ମକର ସଂକ୍ରାନ୍ତିର ପୂର୍ବ ଓ ପରେ ସମସ୍ତଙ୍କ ଘରେ ଭିନ୍ନ ଭିନ୍ନ ପ୍ରକାରର ବ୍ୟଞ୍ଜନ ବିଭିନ୍ନ ଦିନରେ ହୋଇଥାଏ । ଏହି ପର୍ବରେ ସମସ୍ତେ ନୂଆ ବସ୍ତ୍ର ପରିଧାନ କରନ୍ତି । ନାଚ୍‌ଗୀତ ଓ ଭୋଜିଭାତରେ ଏହି ପର୍ବକୁ ମହା ଆନନ୍ଦରେ ପାଳନ କରନ୍ତି । ମକର ପର୍ବର ଟୁସୁଗୀତ ଅତ୍ୟନ୍ତ ହୃଦୟସ୍ପର୍ଶୀ ।

ସାଧାରଣତଃ ଭାରତର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଏହି ପର୍ବଟି ଅତି ଆନନ୍ଦ ଉଲ୍ଲାସର ଦିନ । ପ୍ରତ୍ୟେକ ହିନ୍ଦୁ ପରିବାରରେ ସ୍ୱାଦିଷ୍ଟ ମକର ଚାଉଳ ଭୋଗ ହେବା ସହିତ ପିଠାପଣାର ଆୟୋଜନ ହୋଇଥାଏ । ଏହି ଦିନରେ ମଧ୍ୟ ପବିତ୍ର ନଦୀମାନଙ୍କ କୂଳରେ ମକର ମେଳାର ଆୟୋଜନ ହୋଇଥାଏ । ଏହି ଦିନର ପ୍ରତ୍ୟୁଷରୁ ଭକ୍ତମାନେ ପବିତ୍ର ନଦୀ ଜଳରେ ମକର ବୁଡ଼ ପକାଇଥାନ୍ତି ଏବଂ ଦେବାଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ଏହି ଦିନ ପ୍ରସିଦ୍ଧ ଗଙ୍ଗାସାଗର ଠାରେ ଏକ ବିରାଟ ମେଳା ହୁଏ । ପୁଣ୍ୟଲାଭ ଆଶାରେ ଏହିଦିନ ଅନେକ ଧାର୍ମିକ ଲୋକ ଗଙ୍ଗାସାଗରରେ ବୁଡ଼ ପକାଇଥାନ୍ତି । ମକର ସଂକ୍ରାନ୍ତି ଦିନ ଅନେକ ସ୍ଥାନରେ ଗୁଡ଼ିଉଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ ।

ପ୍ରତ୍ୟେକ ସାମାଜିକ ଉତ୍ସବ ମୂଳରେ କୌଣସି ନା କୌଣସି ଗୂଢ଼ ବୈଜ୍ଞାନିକ ତଥ୍ୟ ନିହିତ । ହିନ୍ଦୁ ମୁନିଋଷିମାନେ ଦେହ ଧର୍ମ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । କାରଣ ଦେହ ରକ୍ଷା ହିଁ ସକଳ ସାଧନାର ମୂଳତତ୍ତ୍ୱ । ତେଣୁ ନୀରୋଗ ଶରୀର ଉପରେ ହିଁ

ହିନ୍ଦୁ ଦର୍ଶନତତ୍ତ୍ୱ ସମ୍ପୂର୍ଣ୍ଣ ଭାବରେ ଆଧାରିତ । ତେଣୁ ଶାସ୍ତ୍ରରେ ଲେଖାଅଛି :- "ଶରୀର ଆଦ୍ୟମ୍ ଖଳୁ ଧର୍ମ ସାଧନମ୍ ।" ମକର ସଂକ୍ରାନ୍ତି ପୂର୍ବରୁ ଶୀତର ପ୍ରକୋପ ଦୃଷ୍ଟିରୁ ସୂର୍ଯ୍ୟଙ୍କ କିରଣ ପ୍ରଚୁର ସୁଲଭ ହୁଏ ନାହିଁ । ତେଣୁ ଏହି ସମୟରେ ଗୁରୁପାକ ଖାଦ୍ୟ ପଦାର୍ଥ ଗ୍ରହଣ କଲେ ତାହା ସହଜରେ ହଜମ ହୁଏ ନାହିଁ । ସେ ସମୟରେ ଲଘୁପାକ ଖାଦ୍ୟ ଗ୍ରହଣ କରିବା ପାଇଁ ହିନ୍ଦୁ ଶାସ୍ତ୍ରରେ ଉଲ୍ଲେଖ ଅଛି । ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟ କିରଣ କ୍ରମଶଃ ସୁଲଭ ହେଉଥିବାରୁ ହଜମ ଶକ୍ତି ବୃଦ୍ଧିପାଏ । ଏହିଠାରୁ ଗୁରୁପାକ ଖାଦ୍ୟ ଗ୍ରହଣ କଲେ ତାହା ସହଜରେ ହଜମ ହୋଇପାରେ । ଏପରିକି ଅସିଦ୍ଧ ଚାଉଳ ମଧ୍ୟ ହଜମ ହୋଇପାରେ । ତେଣୁ ଏହିଦିନ ମକର ଚାଉଳ ପରମ୍ପରା ସମାଜରେ ପ୍ରଚଳିତ ଅଛି । ଏହି ସମୟରେ ଶୀତ କମି ନ ଥିବାରୁ କଫ ଓ ପିତ ଶରୀର ମଧ୍ୟରେ ଅଧିକ ଦେଖାଯାଏ । ରାଶି ବା ତିଳ ସେବନ କଲେ ଶୀତ ଦିନେ ସାମାନ୍ୟ ଗରମ ରହେ ଏବଂ କଫ, ପିତ ଓ ବାୟୁ ପ୍ରକୋପକୁ ପ୍ରଶମିତ କରେ । ସେଥିପାଇଁ ଏହି ସମୟରେ ରାଶିରୁ ତିଆରି ବିଭିନ୍ନ ଖାଦ୍ୟ ପଦାର୍ଥ ଗ୍ରହଣ କରିବା ବିଧି ରହିଛି ।

ଏହି ସବୁ ଧାର୍ମିକ, ସମାଜିକ ଓ ବୈଜ୍ଞାନିକ ଦୃଷ୍ଟି କୋଣରୁ ବିଚାର କଲେ ଜଣାଯାଏ ଯେ ମକର ଉତ୍ସବର ଭିତ୍ତିଭୂମି ସୁଦୂର ପ୍ରସାରୀ । ଗାଁ ଗହଳ ଠାରୁ ଆରମ୍ଭ କରି ସହର ବଜାରରେ ମଧ୍ୟ ଏହା ବିଶେଷ ଭାବେ ପ୍ରଭାବିତ କରିଥାଏ ପ୍ରତ୍ୟେକ ଶ୍ରେଣୀର ଲୋକଙ୍କୁ । ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ଓ ତା'ର ବିବିଧ କ୍ଷେତ୍ର ଏହି ଉତ୍ସବକୁ ଅତି ଗୁରୁତ୍ୱର ସହିତ ପାଳନ କରିଥାନ୍ତି, ତାଙ୍କର ଏକ ମୁଖ୍ୟ ପର୍ବ ଭାବେ । କାରଣ ଏହି ପର୍ବ ସଂସ୍କୃତି ଓ ପରମ୍ପରା ଧାର୍ମିକ, ସାମାଜିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଉଜ୍ଜୀବିତ ହୋଇ ରହୁ ଏହା ପର୍ବ ପାଳନର ମୁଖ୍ୟ ଲକ୍ଷ୍ୟ । ଆମର ଧର୍ମ ଜୀବନ ଠିକ୍ ସେହିପରି ପୁଷ୍ଟିତ କରିବା ସଙ୍ଗେ ସଙ୍ଗେ ନୀରୋଗ, ସୁସ୍ଥ ଶରୀର ରକ୍ଷା ପାଇଁ ଏହି ପର୍ବ ଯଥେଷ୍ଟ ଉପାଦାନ ଯୋଗାଇଛି ।

*ସହପ୍ରାନ୍ତ ପ୍ରମୁଖ, ପତ୍ରିକା ବିଭାଗ*

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଡ଼ିସେମ୍ବର-ଜାନୁଆରୀ ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ୱାଟସ୍ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

**ଶିକ୍ଷାସୃଜନୀ**

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

**ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦**

**Whatsapp No. :- 8895461378, 9437740566**

**E-Mail :- shikshasrujanee@gmail.com**

ସେ ନାରାୟଣ ଦେହଗତେ । ବସନ୍ତି ଭାବ ଅନୁମତେ ॥

ଜୀବନ ମୂଲ୍ୟ

# ପରମାତ୍ମାଙ୍କର ସ୍ୱରୂପ ଓ ମହତ୍ତ୍ୱ

*ଶ୍ରୀ ନରେନ୍ଦ୍ର କୁମାର ରାଉଳ*

ଯିଏ ଏହି ଜୀବଜଗତରୁ ଊର୍ଦ୍ଧ୍ୱରେ ଥିବା ହିରଣ୍ୟଗର୍ଭ ରୂପ ବ୍ରହ୍ମାଙ୍କ ଅପେକ୍ଷା ମଧ୍ୟ ଅଧିକ ଶ୍ରେଷ୍ଠ, ଯିଏ ଅତ୍ୟନ୍ତ ବ୍ୟାପକ, କିନ୍ତୁ ପ୍ରାଣୀମାନଙ୍କ ଶରୀର ଅନୁରୂପ ସେ ସବୁ ପ୍ରାଣୀଙ୍କଠାରେ ସମାହିତ, ସମ୍ପୂର୍ଣ୍ଣ ଜଗତକୁ ନିଜ ସତ୍ତା ଦ୍ୱାରା ଘେରି ରହିଥିବା ସେହି ମହାନ ପରମାତ୍ମାଙ୍କୁ ଜାଣି ବିଦ୍ୱାନ ପୁରୁଷ ଅମର ହୋଇଯାନ୍ତି ଓ ମୃତ୍ୟୁକୁ ଅତିକ୍ରମ କରିପାରନ୍ତି । ଯାହାଙ୍କଠାରୁ ଶ୍ରେଷ୍ଠ ଅନ୍ୟ କେହି ନାହିଁ, ଯାହାଙ୍କ ଅପେକ୍ଷା କେହି ସୂକ୍ଷ୍ମ ଅଥବା ବଡ଼ ନୁହନ୍ତି, ଯିଏ ଏକାକୀ ବୃକ୍ଷ ଭଳି ନିଶ୍ଚଳ ଆକାଶରେ ସ୍ଥିତ, ସେହି ପରମ ପୁରୁଷଙ୍କ ଦ୍ୱାରା ଏହି ସମ୍ପୂର୍ଣ୍ଣ ବିଶ୍ୱ ସଂବ୍ୟାପ୍ତ । ସେ ରୂପ ଓ ଦୁଃଖର ବହିର୍ଭୂତ । ସବୁ ଦିଗରେ ମୁଖ, ଶିର ଓ ଗ୍ରୀବା ବିସ୍ତାର ଲାଭ କରିଥିବା ସେହି କଲ୍ୟାଣକାରୀ ଭଗବାନ ସମ୍ପୂର୍ଣ୍ଣ ପ୍ରଣୀଙ୍କ ହୃଦୟ ଗୁହାରେ ନିବାସ କରନ୍ତି । ସେ ସର୍ବବ୍ୟାପୀ ଓ ସବୁ ସ୍ଥାନରେ ପହଞ୍ଚି ପାରନ୍ତି । ସେ ସର୍ବ ସମର୍ଥ, ସମସ୍ତଙ୍କ ନିୟନ୍ତା, ଜ୍ୟୋତି ସ୍ୱରୂପ ଓ ଅବିନାଶୀ । ନିଜର ଅତ୍ୟନ୍ତ ନିର୍ମଳ କାନ୍ତି ପ୍ରାପ୍ତି ନିମନ୍ତେ ସେ ଅନ୍ତଃକରଣକୁ ପ୍ରେରିତ କରନ୍ତି । ଅଙ୍ଗୁଷ୍ଠମାତ୍ର ପରିମାଣ ବିଶିଷ୍ଟ ଅନ୍ତରାତ୍ମା ସର୍ବଦା ମନୁଷ୍ୟର ହୃଦୟରେ ସନ୍ନିବିଷ୍ଟ ରହନ୍ତି । ଯେଉଁ ବିଦ୍ୱାନ୍ ଏହି ହୃଦୟ ଗୁହାରେ ସ୍ଥିତ ମନର ସ୍ୱାମୀଙ୍କୁ ବିଶୁଦ୍ଧ ମନରେ ସାକ୍ଷାତକାର କରି ଜାଣି ପାରନ୍ତି, ସେ ଅମର ହୋଇଯାନ୍ତି ।

ସେ ପରମାତ୍ମା ସହସ୍ର ଶିର, ସହସ୍ର ନେତ୍ର ଓ ସହସ୍ର ପାଦ ଯୁକ୍ତ । ସେ ସମ୍ପୂର୍ଣ୍ଣ ଜଗତକୁ ସବୁ ଦିଗରୁ ଘେରି ଦଶ ଆଙ୍ଗୁଳ ବାହାରେ ଅର୍ଥାତ୍ ନାଭିଠାରୁ ଦଶ ଆଙ୍ଗୁଳ ଉପରେ ହଦୃୟାକାଶରେ ଅବସ୍ଥିତ । ଯାହା ଭୂତ କାଳରେ ହୋଇ ସାରିଛି, ଯାହା ଭବିଷ୍ୟତ କାଳରେ ହେବାକୁ ଯାଉଛି ଏବଂ ଯାହା ଅନ୍ନାଦି ପଦାର୍ଥ ଦ୍ୱାରା ପୋଷିତ ହୋଇଛି, ସେ ସମ୍ପୂର୍ଣ୍ଣ ପରମପୁରୁଷ ଓ ଅମୃତତ୍ତ୍ୱର ସ୍ୱାମୀ । ସେହି ପରମ ପୁରୁଷ ସବୁ ସ୍ଥାନରେ ହାତ ପାଦଯୁକ୍ତ, ସର୍ବତ୍ର ଆଖି ଶିର ମୁଖଯୁକ୍ତ ଓ ସର୍ବତ୍ର କାନଯୁକ୍ତ । ସେ ହିଁ ଲୋକରେ ସମସ୍ତଙ୍କୁ ବ୍ୟାପ୍ତ କରି ସ୍ଥିତ ହୋଇଛନ୍ତି । ସେହି ପରମପୁରୁଷ ସମସ୍ତ ଇନ୍ଦ୍ରିୟ ରହିତ ହୋଇ ସୁଦ୍ଧା ଇନ୍ଦ୍ରିୟ ବିଷୟ ଗୁଣକୁ ଜାଣନ୍ତି । ସେ ସମସ୍ତଙ୍କର ସ୍ୱାମୀ ନିୟନ୍ତା ଓ ବୃହତ ଆଶ୍ରୟ ଅଟନ୍ତି । ସେ ଜ୍ୟୋତି ରୂପେ ନବଦ୍ୱାରଯୁକ୍ତ ଦେହରୂପୀ ନଗରରେ ଅନ୍ତର୍ଯ୍ୟାମୀ ହୋଇ ରହିଛନ୍ତି । ସେ ଏହି ବାହ୍ୟ ସ୍ଥୁଳ ଜଗତରେ ଲୀଳା କରନ୍ତି । ସେ ହାତ ପାଦ ରହିତ ହୋଇ ସୁଦ୍ଧା ବେଗରେ ଗମନ କରି ପାରନ୍ତି । ଆଖି ନ ଥାଇ ସୁଦ୍ଧା ସବୁ ଦେଖନ୍ତି ଓ କାନ ନ ଥାଇ ସବୁ ଶୁଣନ୍ତି । ସେ ଜାଣିବା ଯୋଗ୍ୟ ଜିନିଷ ବିଷୟରେ ଜାଣନ୍ତି । ତାଙ୍କୁ ଜାଣିଥିବା ଅନ୍ୟ କେହି ନାହିଁ । ସେ ଅତି ସୂକ୍ଷ୍ମ ଠାରୁ ମଧ୍ୟ ସୂକ୍ଷ୍ମ ଓ ଅତିଶୟ ମହାନଠାରୁ ମଧ୍ୟ ମହାନ୍ । ଆତ୍ମାରୂପ ସେହି ପରମ ପୁରୁଷ ଜୀବର ହୃଦୟ ଗୁହାରେ ଲୁଚିଛନ୍ତି । ବିଷୟ ଭୋଗ ସଂକଳ୍ପ ରହିତ ଯେଉଁ ବ୍ୟକ୍ତି ବିଧାତାଙ୍କ କୃପାବଳରେ ପରମାତ୍ମାଙ୍କୁ ଦେଖି ପାରନ୍ତି, ସେ ସବୁ ସନ୍ତାପରୁ ମୁକ୍ତ ହୋଇଯାନ୍ତି । ସେହି ପରମାତ୍ମା ସମ୍ପୂର୍ଣ୍ଣ ଜଗତର ଉତ୍ପତ୍ତିର କାରଣଭୂତ, ସେ ବେଦର ଗୁହ୍ୟ ସାରଭୂତ ଉପନିଷଦରେ ନିହିତ ।


ଜୀବାତ୍ମା ନିଜର ଆନ୍ତରିକ ଗୁଣ (ମମତା, ଅହଂତା, ଆକାଂକ୍ଷା ଆଦି) ଅନୁସାରେ ସ୍ଥୁଳ ଓ ସୂକ୍ଷ୍ମ ଅନେକ ପ୍ରକାର ରୂପ ଧାରଣ କରେ । ନିଜ କ୍ରିୟାତ୍ମକ ଗୁଣ (ସଂସ୍କାର) ତଥା ଚେତନାତ୍ମକ ଗୁଣ (ଚିନ୍ତନ, ମନନ, ସଂକଳ୍ପ ଆଦି) ଅନୁରୂପ ଶରୀର ଧାରଣ କରାଉଥିବା ହେତୁ ତାଙ୍କୁ (ପରମପିତା, ପରମାତ୍ମା) ଅନ୍ୟ କିଛି ବୋଲି ଦେଖନ୍ତି ବା ଜାଣିନ୍ତି । ଏହି ସଂସାରର ଭବସାଗରରେ ସେହି ଅନାଦି,ଅନନ୍ତ, ବିଶ୍ୱସ୍ରଷ୍ଟା, ଅନେକ ରୂପଯୁକ୍ତ, ଏକାକୀ ସମ୍ପୂର୍ଣ୍ଣ ବିଶ୍ୱକୁ ନିଜ ସତ୍ତା ଦ୍ୱାରା ଆବୃତ କରିଥିବା ପରମାତ୍ମାଙ୍କୁ ଜାଣି ସାଧକ ସମସ୍ତ ବନ୍ଧନରୁ ମୁକ୍ତ ହୁଅନ୍ତି । ସୃଷ୍ଟି ଓ ପ୍ରଳୟର ରଚୟିତା କଲ୍ୟାଣକାରୀ ସ୍ୱରୂପଯୁକ୍ତ ସେହି ପରମାତ୍ମାଙ୍କୁ ଶ୍ରଦ୍ଧା ଭାବଦ୍ୱାରା ଜାଣିବା ପରେ ସାଧକ ଏହି ଶରୀର ବନ୍ଧନ(ଜନ୍ମ ମୃତ୍ୟୁର ଚକ୍ର)କୁ ତ୍ୟାଗ କରି ମୁକ୍ତ ହୋଇଯାନ୍ତି ।

*ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ*

ଆମ ମହାପୁରୁଷ

# ଗଣିତଜ୍ଞ ରାମାନୁଜନ୍

* ଶ୍ରୀମତୀ ବାଗ୍ମୀପ୍ରଭା ସ୍ୱାଇଁ



ଅନ୍ୱେଷ ହେଉଛି ଏକ ପ୍ରବୃତ୍ତି । ସବୁ ମଣିଷଙ୍କ ପାଖରେ ଏହା ଅଳ୍ପ ବହୁତ ଥାଏ । ଅତଳ ସମୁଦ୍ରରେ ମୁକ୍ତାର ସନ୍ଧାନ ହେଉ ବା ମହାକାଶରେ ଗ୍ରହ ନକ୍ଷତ୍ରର ସନ୍ଧାନ ହେଉ । ସନ୍ଧାନର ମୂର୍ଚ୍ଛନା ହିଁ ସବୁ ସମୟରେ ମଣିଷକୁ ଶିହରିତ କରେ । ନିଜ ମନୋବୃତ୍ତି ଓ ଦୃଷ୍ଟିଭଙ୍ଗୀ ମୁତାବକ ଅନ୍ୱେଷଣରେ ପ୍ରତିଟି ମଣିଷ ମଗ୍ନ । ସେହିଭଳି ଜଣେ ମଗ୍ନ ମାନବ ହେଉଛନ୍ତି ରାମାନୁଜମ୍ ।

ଆଧୁନିକ ବିଶ୍ୱରେ ଗଣିତ ପ୍ରତିଭା ଅନେକ ମର୍ଯ୍ୟାଦା ଓ ସମ୍ମାନର ଅଧିକାରୀ । ଗଣିତର ସାଧନ ଆଜି ପ୍ରଗତିର ଋବିକାଠି । ଗଣିତଜ୍ଞମାନଙ୍କର ଗବେଷଣାର ସୁଫଳ ଆଜି ସମଗ୍ର ମାନବ ସମାଜର କଲ୍ୟାଣ କଳ୍ପେ ଉତ୍ସର୍ଗୀକୃତ ହୋଇଛି । ଗଣିତର ଆଲୋକରେ ସଭ୍ୟତା ଓ ସଂସ୍କୃତିର ସମୃଦ୍ଧୀକରଣ ପାଇଁ ବିଶ୍ୱର ଗବେଷଣା କେନ୍ଦ୍ରମାନଙ୍କର ସଂଖ୍ୟା ବଢିବାରେ ଲାଗିଛି । ସେହିଭଳି ଜଣେ ଜାଜ୍ୱଲ୍ୟମାନ ବ୍ୟକ୍ତିତ୍ୱ ବା ପ୍ରତିଭା ରାମାନୁଜମ ଥିଲେ । ଯାହାଙ୍କର ସଂପୂର୍ଣ୍ଣ ନାମ ଶ୍ରୀନିବାସ ରାମାନୁଜନ୍ । ତାଙ୍କର ଜନ୍ମ ହୋଇଥିଲା ୧୮୮୭ ମସିହା ଡିସେମ୍ବର ୨୨ତାରିଖ ଦିନ । ସେ ଏରୋଡ଼ରେ ଜନ୍ମ ହୋଇଥିଲେ ଯାହା ମାଡ୍ରାସରେ ଥିଲା । ତାଙ୍କ ପିତାଙ୍କ ନାମ କେ. ଶ୍ରୀନିବାସ ଆୟାର ଓ ମାତାଙ୍କ ନାମ କମଳା ତାମାଳ । ସେ ଭାରାତୀୟ ଗଣିତଜ୍ଞ ଯିଏ କୌଣସି ବିଧିବଦ୍ଧ ପ୍ରଶିକ୍ଷଣ ବିନା ଗଣିତ ଶାସ୍ତ୍ରରେ ନିଜର ପାରଦର୍ଶିତା ପ୍ରମାଣ କରିଛନ୍ତି ।

ଗୁରୁ ବିନା କେହି ମହାନ ହୋଇପାରି ନାହାନ୍ତି । ରାମାନୁଜନ୍ କିପରି ହୋଇଥାନ୍ତେ । ସୁପ୍ରସିଦ୍ଧ ଗଣିତଜ୍ଞ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଟ୍ରିନିଟ୍ କଲେଜର ପ୍ରଫେସର ଜି ଏଚ ହାର୍ଡ଼ି । ରାମାନୁଜମ୍‌ଙ୍କ ସହିତ ହାର୍ଡ଼ିଙ୍କ ସାକ୍ଷାତ ହେବା ପରେ ଗଣିତରେ ଏକ ବିପ୍ଲବର ସୂତ୍ରପାତ ହୋଇଥିଲା । କଥାରେ ଅଛି ଗୁଣ ଚିହ୍ନେ ଗୁଣିଆ । ରାମାନୁଜନ୍‌ଙ୍କ ଗୁଣକୁ ହାର୍ଡ଼ି ଚିହ୍ନି ପାରିଥିଲେ । ତାଙ୍କୁ ନିଜର ଗୁରୁ ମାନି ତାଙ୍କ ଆଦେଶରେ ସେ ପ୍ରତିଦିନ ଅଧାଡଜନ ନୂଆ ଉପପାଦ୍ୟ ସୃଷ୍ଟିକରି ଦେଖାନ୍ତି । ତା'ର ପ୍ରମାଣ ସଂପର୍କରେ ଜିଜ୍ଞାସା ପ୍ରକାଶ କରନ୍ତି । ସେ କହୁଥିଲେ,

"An equation for me has no meaning unless it expresses a thought of god"

ପାଞ୍ଚବର୍ଷ ସେ ଇଂଲଣ୍ଡରେ ହାର୍ଡ଼ିଙ୍କ ସହିତ ରହିଥିଲେ । ସେ ଅନନ୍ତଶ୍ରେଣୀ ଭଗ୍ନାଂଶ, ସଂଖ୍ୟାତତ୍ତ୍ୱ, ଉପବୃତ୍ତୀୟ ଫଳନ ଆଦି କ୍ଷେତ୍ରରେ ସ୍ୱାଧୀନ ଭାବେ କାର୍ଯ୍ୟକରିଥିଲେ । ହାର୍ଡ଼ି କହୁଥିଲେ, ଯଦି ରାମାନୁଜନ୍ ଯାଥା ସମୟରେ ପାଶ୍ଚାତ୍ୟ ଶିକ୍ଷା କରିଥାନ୍ତେ ସେ ଇଉରୋପୀୟ ଗଣିତଜ୍ଞଙ୍କ ପରି ବିଶ୍ୱ ପ୍ରସିଦ୍ଧ ଗଣିତଜ୍ଞ ହେଇ ପାରି ଥାନ୍ତେ । ସେ ମାତ୍ର ୩୨ ବର୍ଷ ବୟସରେ ୧୯୨୦ ମସିହା ଏପ୍ରିଲ ୨୬ ତାରିଖରେ କୁମ୍ଭକୋଣମ ତାମିଲନାଡୁରେ ମୃତ୍ୟୁବରଣ କରିଥିଲେ । ସେ ତାଙ୍କର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ୩୯୦୦ ଉପପାଦ୍ୟ ରଚନା କରିଥିଲେ ।

ରାମାନୁଜନ୍ ଏ ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଥିଲେ । ସମାଜ ଓ ଗଣିତ ଜଗତକୁ ସେ ଯେଉଁ ମହନୀୟ ଅବଦାନ ଦେଇ ଯାଇଛନ୍ତି, ତାହା ତାଙ୍କୁ କାଳଜୟୀ କରି ରଖିଛି ଏଥିରେ ସନ୍ଦେହ ନାହିଁ । ରାମାନୁଜନ୍ ଆଜି ନାହାନ୍ତି, ହେଲେ ତାଙ୍କର ଆର୍ଶୀବାଦ ନୂତନ ଯୁବ ପିଢ଼ିକୁ ଉତ୍ସାହ ଓ ଉଦ୍ଦୀପନା ଯୋଗାଇବ । ଜଣେ ଗଣିତଜ୍ଞ ଓ ନିଷ୍ଠାବାନ ବ୍ୟକ୍ତି ରୂପେ ତାଙ୍କର ଖ୍ୟାତି ଯୁଗଯୁଗ ପାଇଁ ଇତିହାସ ପୃଷ୍ଠାକୁ ଗୌରବମଣ୍ଡିତ କରୁଥିବ ଏଥିରେ ସନ୍ଦେହ ନାହିଁ ।


ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ସେମିଳିଗୁଡ଼ା, କୋରାପୁଟ

ଈଶ୍ୱରଠାରେ ପ୍ରେମ କରେ । ମିତ୍ର ଭାବନା ସାଧୁଠାରେ ।।

**ଆମ ମହାପୁରୁଷ**

# ଅଟଳବିହାରୀ ବାଜପେୟୀ

* ଦୀପ୍ତି ସରାଫ



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କୁ କିଏ ନ ଜାଣେ ? ସେ ଥିଲେ ବହୁମୁଖୀ ପ୍ରତିଭାଧାରୀ, ଜଣେ ଦୂରଦ୍ରଷ୍ଟା ରାଜନେତା ଓ ପ୍ରଚଣ୍ଡ ରାଷ୍ଟ୍ରବାଦୀ । ଜନସାଧାରଣଙ୍କ ଉନ୍ନତି ପାଇଁ ତାଙ୍କର ଥିଲା ଉତ୍ସର୍ଗୀକୃତ ମନୋଭାବ । ବିଶେଷ କରି ସମାଜର ସର୍ବନିମ୍ନ ସ୍ତରରେ ଥିବା ଶୋଷିତ, ଲାଞ୍ଛିତ, ଦଳିତ, ଖଟିଖିଆ, ଦୀନ ମଜୁରିଆ, ଶ୍ରମିକ ଗୋଷ୍ଠୀର ମନର କ୍ଷୁଧାକୁ ସହଜରେ ବୁଝିପାରୁଥିବା ସାଧାରଣ ମଣିଷଟିଏ ସେ । ପ୍ରଚଣ୍ଡ ଦେଶଭକ୍ତି ଓ ସାଧାରଣ କଷ୍ଟ ଓ ବେଦନାକୁ ହୃଦୟଙ୍ଗମ କରିପାରି ତା'ର ନିରାକରଣ କରିବା ପାଇଁ ସମର୍ପିତ ମନୋଭାବ ଯୋଗୁଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ ଓ ମନକୁ ଜିଣି ଥିଲେ । ସେ ଥିଲେ ସେଇ ଜନମାନସର ମୁକୁଟ ବିହୀନ ସମ୍ରାଟ, ପ୍ରଚଣ୍ଡ ଈଶ୍ୱରବିଶ୍ୱାସୀ, ଅହିଂସା ଓ ଶାନ୍ତିର ଦୂତ ଥିଲେ । ଆଜି ସେ ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କ ଜୀବନ ବ୍ୟାପୀ ଦେଶଭକ୍ତି, ଜନ ସାଧାରଣଙ୍କ ଉନ୍ନତି, ସମସ୍ତେ ସମାନ ନୀତି ଯୋଗୁଁ ଲୋକେ ତାଙ୍କୁ ମନରୁ ପାଶୋରି ପାରୁ ନାହାନ୍ତି । ଯଦିଓ ମଣିଷର ଜନ୍ମ ପରେ ମୃତ୍ୟୁ ଧ୍ରୁବସତ୍ୟ, କିନ୍ତୁ ମରଣ ପରେ ବି ଯେଉଁମାନଙ୍କୁ ଲୋକେ ତାଙ୍କ ମନରୁ ଭୁଲିପାରି ନାହାନ୍ତି ସେମାନଙ୍କ ମଧ୍ୟରେ ଅଟଳଜୀ ଅନ୍ୟତମ ହୋଇ ସବୁଦିନ ପାଇଁ ଜନମାନସରେ ରହିବେ ।

ଅଟଳବିହାରୀ ବାଜପେୟୀଜୀଙ୍କ ଜନ୍ମ ୧୯୨୪ ମସିହା ଡିସେମ୍ବର ମାସ ୨୫ ତାରିଖରେ ମଧ୍ୟପ୍ରଦେଶର ଗ୍ୱାଲିଅର ସହରରେ ହୋଇଥିଲା । ତାଙ୍କ ପିତାଙ୍କ ନାମ କୃଷ୍ଣ ବିହାରୀ ବାଜପେୟୀ ଏବଂ ମାତାଙ୍କ ନାମ କୃଷ୍ଣା ଦେବୀ । ତାଙ୍କ ପିତା ଜଣେ ଶିକ୍ଷକ ଏବଂ ଜଣେ ପ୍ରସିଦ୍ଧ କବି ମଧ୍ୟ ଥିଲେ । ତାଙ୍କ ପ୍ରଭାବରୁ ଅଟଳଜୀଙ୍କ ମନରେ ମଧ୍ୟ କବିତା ଲେଖିବାର ଭାବନା ଜାଗ୍ରତ ହୋଇଥିଲା ।

ଛାତ୍ର ଜୀବନରୁ ଶ୍ରୀବାଜପେୟୀ ପ୍ରଥମେ ଜାତୀୟତାବାଦୀ ରାଜନୀତି ପ୍ରଭାବରେ ଆସିଥିଲେ ଏବଂ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ଅଂଶ ଗ୍ରହଣ

କରୁଣା ଅଜ୍ଞାନ ଲୋକରେ । କରେ ଉପେକ୍ଷା ଶତ୍ରୁଠାରେ ।।

କରିଥିଲେ । ଏହି ଆନ୍ଦୋଳନ ହିଁ ଭାରତରେ ବ୍ରିଟିଶ ଶାସନର ଅନ୍ତକୁ ତ୍ୱରାନ୍ୱିତ କରିଥିଲେ । ଜଣେ ରାଜନୀତି ବିଜ୍ଞାନ ଓ ଆଇନର ଛାତ୍ର ଭାବେ କଲେଜ ଜୀବନରୁ ହିଁ ଶ୍ରୀ ବାଜପେୟୀ ବୈଦେଶିକ ବ୍ୟାପାର ପ୍ରତି ମନରେ ଗଭୀର ଶ୍ରଦ୍ଧା ପୋଷଣ କରିଥିଲେ ଏବଂ ଏହି ଆଗ୍ରହକୁ ହିଁ ସେ ସମୟକ୍ରମେ ତୀକ୍ଷ୍ଣ ଓ ବ୍ୟାପକ କରିବା ସହ ଭାରତର ବିଭିନ୍ନ ବହୁପାକ୍ଷିକ ଓ ଦ୍ୱିପାକ୍ଷିକ ଆଲୋଚନାରେ ପ୍ରତିନିଧିତ୍ୱ କାଳରେ ଏହାର ସୁଚିନ୍ତିତ ସଦୁପଯୋଗ କରିପାରିଥିଲେ ।

ଜଣେ ଜନନେତା ଭାବରେ ଦୃଢ଼ ରାଜନୀତିକ ଇଚ୍ଛା ଶକ୍ତିର ଅଧିକାରୀ ଭାବେ ଅଟଳ ବିହାରୀ ବାଜପେୟୀ ସୁପରିଚିତ । ୧୯୯୯ ମସିହା ଅକ୍ଟୋବର ୧୩ ତାରିଖ ଦିନ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ ନାମକ ଏକ ନୂତନ ମିଳିତ ସରକାର ମୁଖ୍ୟ ଭାବେ ସେ କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ପୂର୍ବରୁ ୧୯୯୯ ମସିହାରରେ ସେ ଅଳ୍ପଦିନ ପାଇଁ ପ୍ରଧାନମନ୍ତ୍ରୀ ପଦମଣ୍ଡନ କରିଥିଲେ । ପଣ୍ଡିତ ଜବାହରଲାଲ ନେହେରୁଙ୍କ ପରେ ଶ୍ରୀ ବାଜପେୟୀ କ୍ରମାଗତ ଭାବେ ଦୁଇ ଥର ଜନ ସମର୍ଥନ ପାଇ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବାରେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ।

ଶ୍ରୀ ବାଜପେୟୀ ପ୍ରଥମେ ଜଣେ ସାମ୍ବାଦିକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସୁଦ୍ଧା ୧୯୫୧ ମସିହାରେ ଭାରତୀୟ ଜନସଂଘରେ ଯୋଗ ଦେବା ପରେ ତାଙ୍କ ସାମ୍ବାଦିକ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ଭାରତୀୟ ଜନସଂଘ ହିଁ ଥିଲା ଆଜିର ଭାରତୀୟ ଜନତା ପାର୍ଟିର ପୂର୍ବ ସ୍ୱରୂପ । ମହିଳା ସଶକ୍ତୀକରଣ ଓ ସମାଜିକ ସମାନତାର ଜଣେ ଦୃଢ ପ୍ରବକ୍ତା ଭାବେ ଶ୍ରୀ ବାଜପେୟୀ ସଦାବେଳେ ଭାରତର ପ୍ରଗତି ଓ ବିକାଶରେ ବିଶ୍ୱାସୀ । ଭାରତ କିଭଳି ଦୃଢ଼ ଓ ସମୃଦ୍ଧ ଦେଶ ଭାବେ ବିଶ୍ୱ ସମୁଦାୟ ଓ ବୈଶ୍ୱିକ ସଂଗଠନମାନଙ୍କରେ ତା'ର ଉପଯୁକ୍ତ ସ୍ଥାନ ପାଇପାରିବ ଏହି ଚିନ୍ତାଧାରର ସେ ଜଣେ ପ୍ରମୁଖ ପ୍ରବକ୍ତା । ସେ ସେହି ଭାରତକୁ ପ୍ରତିନିଧିତ୍ୱ କରନ୍ତି ଯାହା ୫୦୦୦ ବର୍ଷର ସଭ୍ୟତା ମଧ୍ୟରୁ ମୁଣ୍ଡ ଟେକିଛି ।

୨୦୧୮ ମସିହା ଅଗଷ୍ଟ ମାସ ୧୬ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଏମ୍ସ ହସ୍ପିଟାଲରେ ଅଟଳବିହାରୀ ବାଜପେୟୀଙ୍କ ବିୟୋଗ ହୋଇଥିଲା । ତାଙ୍କ ଅସ୍ଥି ଭାରତର ୧୦୦ ଟି ନଦୀରେ ବିସର୍ଜନ କରାଯାଇଥିଲା ।

ଦେଶ ପ୍ରତି ତାଙ୍କର ନିଃସ୍ୱାର୍ଥ ନିଷ୍ଠା ଓ ଶ୍ରଦ୍ଧା ଏବଂ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ସମାଜ ଓ ରାଷ୍ଟ୍ର ପ୍ରତି ତାଙ୍କର ସେବାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଶ୍ରୀ ବାଜପେୟୀଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ "ଭାରତ ରତ୍ନ" ରେ ସମ୍ମାନିତ କରାଯାଇଛି ।

ଦେଶଭକ୍ତିର ଭାବନା ଓ ଜନସେବାର ପ୍ରେରଣା ଏ ଦୁଇଟି ନୀତି ପାଇଁ ସେ ସବୁଦିନ ପାଇଁ ମନେ ରହିବେ ।

*ସ.ଶି.ବି.ମ ସୋନପୁର*

**ଭାଷା ବିଭବ**

# ତେଲିଆ ମୁଣ୍ଡରେ ତେଲ

*✸ ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ*

ଆଜିକାଲି ଜନ୍ମଦିନ ପାଳନ ଖୁବ୍ ଜୋରରେ ଚାଲିଛି । ଆମ ପିଲାଦିନେ ଏସବୁ ଏତେ ପ୍ରଚଳିତ ନ ଥିଲା । ନିଜ ପୁଅ ବା ଝିଅର ଜନ୍ମଦିନ ପାଳନ କରୁଥିବା ଲୋକ ବ୍ରାହ୍ମଣ ଡକାଇ ସକାଳୁ ଗାଆଁ ଦାଣ୍ଡରେ ପୂଜା କରାନ୍ତି । ଅନ୍ୟାନ୍ୟ ନୈବେଦ୍ୟ ସହିତ ପ୍ରସ୍ତୁତ ହୋଇଥିବା ହଣ୍ଡାଏ ଖେଚୁଡ଼ି ମଧ ଭୋଗ ହୁଏ । କର୍ତାଙ୍କ ଡକରାରେ କି ଧନୀ କି ଦରିଦ୍ର ଗାଆଁ ଯାକର ପିଲା ଥାଳି ଗିନା ଧରି ଦାଣ୍ଡରେ ହାଜର ହୋଇ ଖେଚୁଡ଼ି ପ୍ରସାଦ (ବାଳଭୋଗ) ମହା ଆନନ୍ଦରେ ସେବନ କରିଥାଆନ୍ତି । ମତଲବୀ ଦୁନିଆରେ ଏବେ ଜନ୍ମଦିନ ନାଆଁରେ କେତେ ଲୋକ କେତେ ଫନ୍ଦିଫିକର କଲେଣି । ବାହାଘର, ବ୍ରତଘର, ଜନ୍ମଦିନ ପାଳନ କେତେଜଣଙ୍କ ପାଇଁ ତ ଅର୍ଥ ସଂଗ୍ରହର ଏକ ଭଲ ଉଦ୍ୟୋଗ ପାଲଟି ଯାଇଛି । ଅନାବଶ୍ୟକ ଆଡ଼ମ୍ବରପୂର୍ଣ୍ଣ ସାଜସଜ୍ଜାରେ ଉତ୍ସବ ପାଳନ କରୁଥିବା ଏହି କର୍ତାମାନଙ୍କୁ ମିଳିଥାଏ ଦାମୀ ଉପହାର ଅଥବା ମୁଦଦିଆ ଦାମିକା ଲଫାଫା ଭିତରେ କିଛି ଟଙ୍କା । ନିରନ୍ନକୁ ଅନ୍ନ ମୁଠିଏ ତୃଷାର୍ତକୁ ପାଣି ମୁନ୍ଦିଏ ଦେଉ ନ ଥିବା, ପାଖପଡ଼ିଶା ଗରିବ ଲୋକଙ୍କ ବିପଦଆପଦରେ ଆହା କରୁ ନ ଥିବା ଏହି ଲୋକମାନେ ତେଲିଆ ମୁଣ୍ଡରେ ତେଲ ବୋଲି ତାକୁ ଆଉ ଅଧିକ ଚିକ୍କଣ କରିବାରେ ଲାଗି ପଡ଼ିଥାଆନ୍ତି ।

ନିଜର ଅହଂକାରକୁ ପ୍ରଦର୍ଶନ କରିବା ପାଇଁ ଟଙ୍କାଭର୍ତି ଲଫାଫା ବଢ଼ାଇ ଦେଇ ଫୋଟୋ ଉଠାଇ କିଛି ଲୋକ ଗୌରବ ବୋଧ କଲା ଭଳି ଭାଷା କ୍ଷେତ୍ରରେ ମଧ କେତେକ କହିଲା ବେଳେ ଓ ଲେଖିଲା ବେଳେ ଧନୀ ବା ପରିପୂର୍ଣ୍ଣ (ଶୁଦ୍ଧ) ଶବ୍ଦରେ ଅଧିକ କିଛି ଯୋଡ଼ି ଦେଇ ସେ ଶବ୍ଦର ଗରିମା ବୃଦ୍ଧି କରିବାକୁ ପ୍ରଚେଷ୍ଟା କରିଥାଆନ୍ତି । ନିମ୍ନ ଉଦାହାରଣଗୁଡ଼ିକୁ ପାଠ କଲେ ଆମେ ଅବଶ୍ୟ କିଞ୍ଚିତ ଧାରଣା ପ୍ରାପ୍ତ ହୋଇ ପାରିବା ।

"ତାଙ୍କ ଲେଖା ଏଭଳି ସୌନ୍ଦର୍ଯ୍ୟତା, ମାଧୁର୍ଯ୍ୟ ଓ ଅଳଙ୍କାରରେ ପରିପୂର୍ଣ୍ଣ ଥିଲା ଯେକୌଣସି ପାଠକ ମନରେ ଶାନ୍ତିର ଭାବ ଉଦ୍ରେକ କରିପାରିବ ।" ଏହି ବାକ୍ୟରେ ସୌନ୍ଦର୍ଯ୍ୟ ଶବ୍ଦଟି ବିଶେଷ୍ୟ ପଦ ହୋଇଥିବାରୁ ସେଥିରେ 'ତା' ଲଗାଇବାର କୌଣସି ଆବଶ୍ୟକତା ନାହିଁ । ବିଶେଷଣ ପଦରେ 'ତା' ଲଗାଇ ତାକୁ ବିଶେଷ୍ୟରେ ପରିଣତ କରାଯାଇଥାଏ । ଉଦାହରଣ :- ସୁନ୍ଦର- ସୁନ୍ଦରତା, ମଧୁର- ମଧୁରତା, ଆବଶ୍ୟକ- ଆବଶ୍ୟକତା, ଦୃଢ- ଦୃଢ଼ତା ଇତ୍ୟାଦି । କେହି ମାଧୁର୍ଯ୍ୟ ଶବ୍ଦରେ ମଝରେ ମଧ 'ତା' ଯୋଗକରି ମାଧୁର୍ଯ୍ୟତା ଶବ୍ଦ ପ୍ରୟୋଗ କରିଥାଆନ୍ତି ଯାହା ତ୍ରୁଟିଯୁକ୍ତ ।

"ମଦନମୋହନ ମାଲବ୍ୟ ଦୁଇ ଭିନ୍ନ ମତାବଲମ୍ବୀ କଂଗ୍ରେସ ଦଳ ମଧ୍ୟରେ ଶାନ୍ତି, ସହଯୋଗ ପ୍ରତିଷ୍ଠା କରି ସେହି ସଂସ୍କାର ପ୍ରସ୍ତାବକୁ ସଂଯମତାର ସହିତ ବିଚାର କରିବା ପାଇଁ ଚେଷ୍ଟା ଚଳାଇଥିଲେ ।" ଏହି ବାକ୍ୟରେ ବ୍ୟବହୃତ ସଂଯମ ଶବ୍ଦ ବିଶେଷ୍ୟ ପଦ ହୋଇ ଥିବାରୁ ଏଠାରେ ଅନାବଶ୍ୟକ ଭାବରେ 'ତା' ଯୋଗ କରାଯାଇଛି ।

"ଆପଣଙ୍କ ସାରସ୍ୱତ ସୃଜନର ଉତ୍କର୍ଷତା ଲାଭ କରିବା ନିମନ୍ତେ ଅପେକ୍ଷା ରଖିଛି ଆମ ପତ୍ରିକା ।" ଆଜି ଏକବିଂଶ ଶତାବ୍ଦୀର ବିଶ୍ୱ ବିଜ୍ଞାନ କ୍ଷେତ୍ରରେ ଚରମ ଉତ୍କର୍ଷତା ଲାଭ କରିଥିଲେ ମଧ ସାମାନ୍ୟ ଏକ ଭୁତାଣୁ ପାଖରେ ହାର ମାନି ଯାଉଛି ।" ଉତ୍କର୍ଷ ଶବ୍ଦଟି ବିଶେଷ୍ୟ ପଦ ହୋଇଥିବାରୁ ଲେଖକ ସେଥିରେ 'ତା' ନ ଲଗାଇ କେବଳ ଉତ୍କର୍ଷ ଅଥବା ଉତ୍କୃଷ୍ଟତା ଲେଖିଥିଲେ ଠିକ୍ ହୋଇଥାଆନ୍ତା । ଉତ୍କୃଷ୍ଟ ବିଶେଷଣ ପଦ ହୋଇଥିବାରୁ ସେଥିରେ 'ତା' ଯୋଡ଼ି ବିଶେଷ୍ୟ କରିବା ବ୍ୟାକରଣ ସମ୍ମତ ।

"ତାଙ୍କର ପୌରୁଷତାକୁ ଶତ ଧିକ୍କାର ।" "ତାହା ନିଜର ପୌରୁଷତ୍ୱକୁ ଆହ୍ୱାନ କରୁଥିବାର ସେ ଅନୁଭବ କଲେ ।" ଏହି ବାକ୍ୟ ଦୁଇଟିରେ ପରୁଷ ବିଶେଷ୍ୟ ପଦ ହୋଇଥିବା ବେଳେ ଅକାରଣ ଯଥାକ୍ରମେ 'ତା' ଓ 'ତ୍ୱ' ସଂଯୋଗ କରାଯାଇଛି । ପ୍ରଥମ ବାକ୍ୟରେ ପୁରୁଷତାକୁ ଓ ଦ୍ୱିତୀୟ ବାକ୍ୟରେ ପୌରୁଷକୁ ବ୍ୟବହାର କରିଥିଲେ ଠିକ୍ ହୋଇ ଥାଆନ୍ତା ।

"କରୋନାର ପ୍ରକୋପତା ଏତେ ବଢ଼ିଛି ତାହା ଆମକୁ ଜଣା ।" ଏହି ବାକ୍ୟରେ ପ୍ରକୋପ ବିଶେଷ୍ୟ ପଦ ଅଟେ । ପୁନର୍ବାର ସେଥିରେ 'ତା' ଯୋଗ କରିବାର କୌଣସି ଆବଶ୍ୟକତା ନାହିଁ । କେବଳ "କରୋନାର ପ୍ରକୋପ ଏତେ ବଢ଼ିଛି ତାହା ଆମକୁ ଜଣା" ଲେଖିବା" ଠିକ୍ ହେବ ।

ପ୍ରାନ୍ତ ନିରୀକ୍ଷକ, ଶିକ୍ଷା ବିକାଶ ସମିତି, ଓଡ଼ିଶା

ସେ ଭକ୍ତ ମଧ୍ୟମ ଅଟଇ । ଯେଣୁ ସେ ଭେଦକୁ ଦେଖଇ ।।

କବିତା ପସରା

# ଅମୃତ ମହୋତ୍ସବ ବନାମ ଅମୃତ ପୁରୁଷ

*ଶ୍ରୀ ରଘୁନାଥ ଆଚାର୍ଯ୍ୟ*

ମନେ ତୁମେ ଅଛ ମନେ ତୁମେ ଥିଲ
ମନେ ତୁମେ ରହିଥିବ,
ଯେତେ ଦିନ ଯାଏ ସୂରୁଜ ଗଗନେ
କିରଣ ତା ବୁଣୁଥିବ ।
ସେତେ ଦିନ ଯାଏ ଏଇ ମାଟି ମାଆ
ତୁମକୁ ତ ଝୁରୁଥିବ,
ତୁମ ସେବା କର୍ମ ବଳିଦାନ ସବୁ ଗୁଣି ଗୁଣି ବଖାଣିବ ।
ହେ ! ଅମର ଆତ୍ମା
ଅମୃତ ମହୋତ୍ସବେ ତୁମକୁ ସ୍ୱାଗତ
ତୁମ ଅମୃତ ବରଷି ଦେବ ।
ଦେଶ ପ୍ରେମ ଭକ୍ତି ଜାତି ପ୍ରୀତି ଲାଗି
ନିଜ ପ୍ରାଣ ବଳି ଦେଲ,
ସୁଭାଷ, ଲକ୍ଷ୍ମଣ, ଜୟୀ ରାଜଗୁରୁ
ଚନ୍ଦନ ହଜୁରୀ ଥିଲ ।
ବାର ବରଷର ବାଜି, ବିର୍ସାମୁଣ୍ଡା
ଦିବାକର, ରଘୁନାଥ,
ବୀର ସୁରେନ୍ଦର ବକ୍ସି ଜଗବନ୍ଧୁ
ଉତ୍କଳମଣିଙ୍କ ତ୍ୟାଗ ।
ହେ ! ଅମୃତ ଆତ୍ମା
ଅମୃତ ମହୋତ୍ସବେ ତୁମକୁ ସ୍ୱାଗତ
ତୁମ ଅମୃତ ବରଷି ଦେବ ।
ଅଇରୀ କବଳେ ରାଣୀ ଲକ୍ଷ୍ମୀବାଈ
ଭଗତ ସିଂହ ସୁଖଦେବ

ଲାଲ, ବାଲ, ପାଲ ବୀର ସଭରକର
କଳାପାଣି କାରାଦଣ୍ଡ ।
ବିଦେଶ ମାଟିରେ ଫାଶୀ ଉଦ୍ଧାମ ସିଂ
ଚନ୍ଦ୍ରଶେଖର ଆଜାଦ ।
ରାଜଗୁରୁ ଆଉ ଭଗବତୀ, ରାମ(ପ୍ରସାଦ ବିସ୍ମିଲ)
ଗାନ୍ଧିଜୀଙ୍କ ଧର୍ମଯୁଦ୍ଧ ।
ହେ ! ଅମୃତ ଆତ୍ମା
ଅମୃତ ମହୋତ୍ସବେ ତୁମକୁ ସ୍ୱାଗତ
ତୁମ ଅମୃତ ବରଷି ଦେବ ।
ନିରାଶ ମନରେ ଆଶାଭରି ଥିଲ
ଦଳିତ ପତିତ ସାଥୀ,
କେତେ ଯେ ରକତ ନିଗାଡ଼ିଛ ଦେହୁ
ବହୁ କାରବାସ ଭୋଗି
ଜନନୀର ଦୁଃଖ ବିନାଶ କରିଲ
ବଜାଇ ବିଜୟ ବାଇଦ,
ତ୍ରିରଙ୍ଗା ପତାକା ତୁମ ଦେଶ ପ୍ରେମ
ଧନ୍ୟ ତୁମେ ଦେଶ ଭକ୍ତ ।
ହେ ! ଅମୃତ ଆତ୍ମା
ଅମୃତ ମହୋତ୍ସବେ ତୁମକୁ ସ୍ୱାଗତ
ତୁମ ଅମୃତ ବରଷି ଦେବ ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପାରାଦ୍ୱୀପ

ପ୍ରତିମାଠାରେ ଶ୍ରଦ୍ଧା ବହି । ହରି ପୂଜାକୁ ଯେ କରଇ ॥

# ଜୟ ସଂସ୍କୃତି ଜୟ ଭାରତ

*ଶ୍ରୀ ସାର୍ଥକ ଶୋଭନ ଘଡ଼େଇ*

ଏଇ ଭାରତେ ଚଳୁଛେ ଆମେ
ଭାଇପଣକୁ ନେଇ
ଗୁରୁ ଗୋସାଇଁ ମାତାପିତାର
ଶୁଭ ଆଶିଷ ପାଇ ।।
ଦେବୀ ଦେବତା କୁରୁପା ଲାଗି
ପିଲାର ନାମ ରଖୁ
ପୁନେଇ ପର୍ବ ଓଷାବାରରେ
ଦାନ ଧରମ ଶିଖୁ ।।
ଉଦାସୀ ଦୁଃଖୀ ରଙ୍କୀ ପୀଡ଼ିତ
ସାଥୀରେ ନେଇ ଚଳୁ
ଅକାମ ଛାଡ଼ି ସୁକାମେ ଭଲ
ଫଳକୁ ହାତେ ତୋଳୁ ।।
ଅନୀତି ଦେଖି ଚଢ଼ା ଗଳାରେ
ବିରୋଧ ଆମେ କରୁ
ଦେଶ ହିତରେ ଜୀବନ ଦେବା
କଣ୍ଠେ ନାରାକୁ ଧରୁ ।।
ନଦୀର ଜଳ ମାଟିକୁ ନେଇ
ଘଟ ଥାପନ କରୁ
ଶୁଭ କରମେ ମନ୍ତ୍ର ଉଚ୍ଚାରି
ଶକତି ତୋଳି ଧରୁ ।।
ଅହଲ୍ୟା ସୀତା ସାବିତ୍ରୀ ଦୁର୍ଗା
ଲକ୍ଷ୍ମୀ ତୁଳସୀ ଗାଇ
ମାତୃ ଶକ୍ତିର ବଳରେ ଆମେ
ଆଗକୁ ଯାଉ ଧାଇଁ ।।
ପର ନିନ୍ଦାକୁ ପାପ ବିଚାରି
ତା' ଠାରୁ ଦୂରେ ରହୁ
ପରଙ୍କୁ ଦୁଃଖ ନ ଦେଇ ନିଜେ
ଯେତେ କଷଣ ସହୁ ।।
ଗୋମାତା, ଧରା, ବୃକ୍ଷ, ଆକାଶ,
ସୂର୍ଯ୍ୟ, ପବନ, ପାଣି
ଅବଧୂତଙ୍କ ଚବିଶି ଗୁରୁ
ପୂଜୁଛୁ ଦିଅଁ ମଣି ।।
ଗୋଟିଏ ପତ୍ନୀ ବରତ ନେଇ
ସୁଖ ସଂସାର କରି
ଜରାନିବାସ, ଶିଶୁ ଗୃହକୁ
ଚାହିଁନୁ କେବେ ଫେରି ।।
ନାହିଁ ଭାବୁଛ ଯାହା ଭାରତେ
ଆଉ ନମିଳେ କାହିଁ
ତ୍ୟାଗ ତପସ୍ୟା ପୁଣ୍ୟ ବଳରେ
ଜନ୍ମିଛେ ଆମେ ତହିଁ ।।
ମହାନ ଏହି ସଂସ୍କୃତି ପାଇଁ
ବିଦେଶେ ଅଛି ଟେକ
ଜୟ ସଂସ୍କୃତି, ଜୟ ଭାରତ
କହିକି ଯଶ ରଖ ।।

*ଦ୍ୱିତୀୟ ବର୍ଷ +୨ ବିଜ୍ଞାନ*
*ସରସ୍ୱତୀ ବିଦ୍ୟା ମନ୍ଦିର*
*କେଶବଧାମ, ଗତିରାଉତପାଟଣା,*
*କଟକ*

ନ ସେବେ ବିଷ୍ଣୁର ସେବକ । ଇତର ମଣେ ଅନ୍ୟ ଲୋକ ।।

# "ବିଶ୍ୱ ଗୁରୁ ଭାରତ"

*ଶ୍ରୀ ସନ୍ତୋଷ କୁମାର ପଣ୍ଡା*

ମୋ ମାଆର ରୂପ ବଦଳୁଛି ଆଜି
ବିଶ୍ୱେ ଗୁଞ୍ଜରୁଛି ନାମ
ବିଶ୍ୱ ଗୁରୁ ହେବ ମୋ ମାଆ ଭାରତ
କରିଯିବା ସେହି କାମ ।
ଭୋଟ ରଜନୀତି ଛାଡ଼ିଣ ସମସ୍ତେ
ଦେଶ ପାଇଁ ଅଣ୍ଟା ଭିଡ
ଯିଏ ଯାହା ପୂଜ ଯିଏ ଯାହା କର
ମାଆକୁ ମୋ ନ ଛାଡ଼ ।
ଶୟନେ ସପନେ ଅବା ଜାଗରଣେ
ମାଆର ଦେଖ ତୁ ଛବି
ମାଆ ଦୁଃଖ ଦେଉ ଅବା ସୁଖ
କୋଳେ ନିଏ ନିଜ ଭାବି ।
ମାଆର ଶତ୍ରୁ ବା ମିତ୍ର ହୁଏ ଯିଏ
ସନ୍ତାନର ହୁଏ ସେହି
ହାତେ ଶାସ୍ତ୍ର ଅବା ଶସ୍ତ୍ର ତୁ ଧରିବୁ
'ଗୀତା' ଯାହା ବଖାଣଇ ।
ମୁକୁଟ ମଣ୍ଡିତା ରତ୍ନ ଆଭୂଷିତା
ପାଟ ଶାଢ଼ି ପରିହିତା
ମାଆକୁ ଏ ରୂପେ ଦେଖି ଆନନ୍ଦିତ
ହେବେ ଜଗତର ପିତା ।

*ପ୍ରଧାନାଚାର୍ଯ୍ୟ*
*ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ, କଟକ*

# ମାର୍ଗଶିର ମାସ ଗୁରୁବାର

*ଶ୍ରୀ କୈଳାଶ ଚନ୍ଦ୍ର ଧଳ*

ମାର୍ଗଶିର ମାସ ଗୁରୁବାର
ଓଡ଼ିଆଣୀଙ୍କର ପୂଜା ସାର
ଐଶ୍ୱର୍ଯ୍ୟର ଦେବୀ ଜଗତ ପାଳିନୀ
ମାତା ଲକ୍ଷ୍ମୀଙ୍କର ପୂଜା ବାର ।
ଅତି ପ୍ରତ୍ୟୁଷରୁ ଉଠିପଡ଼ି
ଦାଣ୍ଡ ଅଗଣାକୁ ଝାଡୁ କରି
ଗୋବରରେ ଲିପି ଯତନେ ଘରକୁ
ପୂଜାରେ ଲାଗନ୍ତି ସ୍ନାନ ସାରି ।
ଦାଣ୍ଡ ଅଗଣାରେ ଚିତା ଝୋଟି
ଆହା କି ସୁନ୍ଦର ମାଣ କୋଠି
ତହିଁ ଲକ୍ଷ୍ମୀ ପାଦ ସତେ କି ମଞ୍ଜୁଳ
ପଦ୍ମଫୁଲ ଯାଏ ଫୁଟି ଫୁଟି !
ଖଟୁଲିରେ ରଖି ଧାନମାଣ
ଦୁବ ବରକୋଳି, ବସ୍ତ୍ର ପୁଣ
ଅଁଳା ଚନ୍ଦନ ଫୁଲ ଧୂପ ଦୀପ
ପୂଜା କରିଥାନ୍ତି ଦେଇ ମନ ।
ଲକ୍ଷ୍ମୀ ପୁରାଣରେ ଅଛି ଲେଖା
ଲକ୍ଷ୍ମୀଙ୍କର ପ୍ରିୟ ଭକ୍ତି ଶ୍ରଦ୍ଧା
ଶ୍ରୀୟା ଚଣ୍ଡାଳୁଣୀ ଘର ଗଲେ ବୋଲି
ଶ୍ରୀମନ୍ଦିରୁ ପ୍ରଭୁ କଲେ ବିଦା ।
ଜାତି ଅଜାତିର କଥା କହି
ଲକ୍ଷ୍ମୀଙ୍କୁ ତଡ଼ିଲେ ଦୁଇ ଭାଇ
ଅଲକ୍ଷ୍ମୀ ହୋଇଣ ପାଇଲେନି ଅନ୍ନ
ଶ୍ରୀମନ୍ଦିର ଗଲା ଶୂନ୍ୟ ହୋଇ ।
ଭିକ୍ଷା କଲେ ବୁଲି ଦ୍ୱାର ଦ୍ୱାର
ମିଳିଲାନି ଭିକ୍ଷା ତାଙ୍କୁ କା'ର
ଶେଷେ ଲକ୍ଷ୍ମୀଙ୍କର ଶରଣ ପଶିଲେ
ଜାତିପ୍ରଥା ସେଠୁ କଲେ ଦୂର ।
ଚଣ୍ଡାଳ ବ୍ରାହ୍ମଣ ଭାଇ ଭାଇ
ଛୁଆଁ ଅଛୁଆଁ ତ କେହି ନାହିଁ
ମାତା ଲକ୍ଷ୍ମୀ ଯୋଗୁଁ ଅବଢ଼ା ଖାଉଛୁ
ଆନନ୍ଦ ବଜାରେ ସାଙ୍ଗ ହୋଇ ।
ଧନର ଘରଣୀ ଅନ୍ନପୂର୍ଣ୍ଣା
ଭକତ ବତ୍ସଳା ସର୍ବମାନ୍ୟା
ଅଭୟ ପାଣିରୁ ଆଶିଷ ଝରିଲେ
ଧରଣୀ ହୋଇବ ପରିପୂର୍ଣ୍ଣା ।

*ପ୍ରଧାନ ଆଚାର୍ଯ୍ୟ*
*ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,*

# ଆସିଛି ଶୀତ

*ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା*

ତରତର ହୋଇ ହେମନ୍ତ ଯାଉଛି
ମରତକୁ ଛାଡ଼ିଛାଡ଼ି ।
ଥରଥର ହୋଇ ଶୀତୁଆ ପବନ
ଧରା ଆସେ ମାଡ଼ି ମାଡ଼ି ।
ଜଣା ନ ପଡ଼ଇ ସୂରୁଜ ଦେବତା
କେବେଠୁ ଗଲେଣି ଉଠି
ଥୁରୁଥୁରୁ ଶୀତେ ଯାଉଛନ୍ତି ଚଳି
କୁହୁଡ଼ିକୁ କାଟି କାଟି ।
ଟପଟପ ହୋଇ ଗଛ ପତରରୁ
ଖସୁଛି କାକର ପାଣି
କୋଉ ପହରରୁ କୁକୁଡ଼ା ରାବୁଛି
ନ ହୁଅଇ ତିଳେ ଜାଣି ।
ଚଷା ଭାଇଟିଏ ସକାଳୁ ସକାଳୁ
ମୁଣ୍ଡରେ ଗାମୁଛା ଭିଡ଼ି ।
ଧାନ କାଟିବାକୁ ଥରିଥରି ଯାଏ
ହାତେ ଧରି ଦାଆ ବାଡ଼ି
ନିଆଁ ପୁଇଁବାକୁ ଗାଆଁ ଦାଣ୍ଡେ ଦେଖ
ପିଲାଏ କଲେଣି ଭିଡ଼ ।
ଶୀତ ମାଉସୀର କୋହଲା ନିଃଶ୍ୱାସେ
ଥରିଯାଏ ହାତଗୋଡ଼ ।
ମୁଢ଼ି ବାରମଜା ଲାଗେ ଭାରି ମଜା
ତା' ସାଥେ ପକୁଡ଼ି ବରା
ଜେଜେମା ପାଖରୁ ଚାହା ପିଇବାକୁ
ପିଲାଏ ତ ଧରା ପରା ।

*ପତ୍ରିକା ପ୍ରତିନିଧି*
*ଉତ୍ତର ପୂର୍ବ ସମ୍ଭାଗ*

# କହି କି ପାରିବ କିଏ ?

*▪ ଶୁଭକାନ୍ତ ସାହୁ*

ବିଶେଶ୍ୱର ମହାଦେବଙ୍କ କୃପାରୁ
ଜନମ ହୋଇଲେ ଯିଏ,
ବିଲେ ଯାହାଙ୍କର ପହିଲା ନାମଟି
କହି କି ପାରିବ କିଏ ?
ମାଆଙ୍କଠୁଁ ଶୁଣି ହନୁମନ୍ତ ଗପ
ଦେଖିବାକୁ ତାଙ୍କୁ ଯିଏ,
କଦଳୀ ବଣରେ ଜଗିଥିଲେ ବସି
କହି କି ପାରିବ କିଏ ?
ବାଲ୍ୟ ବେଳରୁ ଦୁଃଖୀ ରଙ୍କୀ ପାଇଁ
ଅନ୍ତରେ ବ୍ୟଥିତ ଯିଏ
ଯାହା ଥିଲା ପାଶେ ଦେଇ ସେ ଦିଅନ୍ତି
କହି କି ପାରିବ କିଏ ?
ଖେଳକୁଦ କୁସ୍ତି ସନ୍ତରଣ ଆଦି
ଶାରୀରିକ କାର୍ଯ୍ୟ ଯିଏ
ପିଲାଟି ଦିନରୁ ପଟୁତା ଅର୍ଜିଲେ
କହି କି ପାରିବ କିଏ ?
ସହପାଠୀଙ୍କର ଅତି ପ୍ରିୟ ଥିଲେ
"ନରେନ୍" ନାମରେ ଯିଏ
ପାଠରେ ଶାଠରେ ସର୍ବଦା ଆଗୁଆ
କହି କି ପାରିବ କିଏ ?
ଧୀର ଚିତ୍ତ ସ୍ଥିର ମତି ଏକାକରି
ଧ୍ୟାନେ ବସୁଥିଲେ ଯିଏ,
ସର୍ପର ଫୁତ୍କାରେ ଅବିଚଳ ଥିଲେ
କହି କି ପାରିବ କିଏ ?
ଆଦ୍ୟ ଯଉବନେ ଭାରତୀୟ ଶିକ୍ଷା,
ସଂସ୍କୃତି, ହିନ୍ଦୁତ୍ୱ ଯିଏ
ବିଶ୍ୱ ଦରବାରେ ପରିଚିତ କଲେ
କହି କି ପାରିବ କିଏ ?
ଯୁବଙ୍କ ଆଦର୍ଶ ପ୍ରେରଣାର ଉତ୍ସ
ବିଶ୍ୱହୃଦଜୟୀ ଯିଏ,
ଭାରତମାତାଙ୍କ ସୁଯୋଗ୍ୟ ସନ୍ତାନ
ବିବେକାନନ୍ଦ ହିଁ ସିଏ ।

*ଦେଉଳପଲ୍ଲୀ, କଳମ୍ବ, ପୋଳସରା, ଗଞ୍ଜାମ*
*ଫୋନ୍ ନଂ. : ୯୮୬୧୭୩୨୨୫୬*

ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ॥

# ପୌଷ ପୂର୍ଣ୍ଣିମା

*ଶ୍ରୀ ଚୁମ୍ବକି ଦାଶ (ମିଶ୍ର)*

କୃଷକମାନଙ୍କ ଆନନ୍ଦର ପର୍ବ
କୃଷି ଶେଷ ପର୍ବ ଇଏ
ପଶ୍ଚିମାଞ୍ଚଳରେ କେତେ ଆଗ୍ରହରେ
ପୂର୍ଣ୍ଣିମା ପାଳିତ ହୁଏ ।।

ଶ୍ରୀ ଜଗନ୍ନାଥଙ୍କ ପୁଷ୍ୟାଭିଷେକ ଯେ
କେତେ ରୀତି ନୀତି ପୁଣି
ଉପବିତଧାରୀ ବ୍ରାହ୍ମଣଙ୍କ ଘରେ
ପିଠା ପଣା ମନ ଜାଣି ।।

ଏହି ଦିନ ହୁଏ ମଞ୍ଚେ ଧନୁଯାତ୍ରା
କଂସର ଆଦେଶ ଚାଲେ
କୃଷ୍ଣ ଆଗମନେ ମଞ୍ଚାରୁ ପଡ଼ିଣ
ମାମୁ କଂସାସୁର ମଲେ ।।

ପୌଷ ପୂର୍ଣ୍ଣିମାରେ ପ୍ରଭୁ ରାମଚନ୍ଦ୍ର
ହୋଇଲେ ରାଜ୍ୟାଭିଷେକ,
ଅଯୋଧ୍ୟା ନଗରୀ ଧନ୍ୟ ଧନ୍ୟ ହେଲା
ଖୁସିରେ ମଗନ ଲୋକ ।।

ପୂର୍ଣ୍ଣମୀ ରାତ୍ରୀରେ ଗ୍ରାମ୍ୟ ପଲ୍ଲୀ ଠାରେ
ନୃତ୍ୟ ଗୀତର ଆସର,
କୃଷକ ଭାଇର ମନ ଉତ୍ଫୁଲ୍ଲ
ଶସ୍ୟ ଅମଳ କ୍ଷେତ୍ରର ।।

ଗୃହ ଗୃହ ବୁଲି ଚନ୍ଦା ଆଦାୟରେ
ଛେର ଛେରା ନାମେ ଡାକ
ପିଲା ଠାରୁ ବୃଦ୍ଧ ସଭିଏଁ ବିଭୋର
କେତେ ଯେ ମାଗନ୍ତି ଭିକ ।।

ପଇସା ଚାଉଳ ଡାଲି ପରିବାକୁ
ସଭିଙ୍କ ମଧ୍ୟରେ ବାଣ୍ଟି,
ସାର୍ବଜନୀନରେ ଭୋଜି ଆୟୋଜନ
ମଉଜ କେତେ କରନ୍ତି ।।

*ବଲାଙ୍ଗୀର*

# ଭୋଜନର ନିୟମ

*ଶ୍ରୀ ଶାନ୍ତିଲତା ପୃଷ୍ଟି*

ପାଟିକୁ ହାତ ଯାଏରେ ମିତ
ଆମେ ଭୋଜନ କଲେ
ସେଇ ଭୋଜନ ନୀତି ନିୟମ
ଜାଣିବା କେତେବେଳେ ?
ଖାଇବା ଆଗୁଁ ଧୋଇବା ହାତ
ଗୋଡ଼କୁ ଓଦା କରି
ପୂରୁବ ଦିଗେ କରିବା ମୁହଁ
ସଫା ଆସନ ପାରି ।
ଶୁଦ୍ଧ ସାତ୍ତ୍ୱିକ ଗରମ ଖାଦ୍ୟ
ସୁଷମ ଗୁଣକାରୀ
ଆମିଷ ନୁହେଁ ଦୂଷିତ ନୁହେଁ
ସଫା ବାସନେ ପାରି ।
ଖାଇବା ବେଳେ କଥା ହେବାନି
ଦେଖିବା ନାହିଁ ଟିଭି
ଖାଇବା ପରେ ଅଧଘଣ୍ଟାରେ
ପାଣି ପିଇବା ଭାବି ।
ଭୋଜନ ବେଳେ ସତର୍କ ଥିବା
ଖାଦ୍ୟ ନ ପଡ଼େ ତଳେ
ଲୁଗାପଟାରେ ଖାଦ୍ୟ କଣିକା
ନ ପଡୁ କେତେବେଳେ ।
ଶୀଘ୍ର ନୁହେଁ କି ବିଳମ୍ବ ନୁହଁ
ଖାଇବା ଖାଦ୍ୟ ଧୀରେ
ଭଲ ଭାବରେ ଚୋବାଇ ଥିଲେ
ହଜମ ହେବ ପରେ ।
ଖାଇଲେ ଫଳ ଧୋଇବା ତାକୁ
ହାତରେ ମନ୍ଥି ଦେଇ
ଖାଇ ସାରିଲେ ବିଶ୍ରାମ ନେବା
ଅଧଘଣ୍ଟାଏ ପାଇଁ ।
ଏପରି କଲେ ଖାଇଲା ବେଳେ
ହେବଟି ନାହିଁ ରୋଗ
ନୀରୋଗ ରହି ବିଜ୍ଞାନ ଯୁଗେ
ପାଇବା ବଡ ଭାଗ ।

*ସ.ଶି.ବି.ମ, ବନ୍ତଳା(ଆଚାର୍ଯ୍ୟ)*

ପଶୁ ତନୟ ଦାରା ଦାସ । ଏ ସର୍ବ ବିଜୁଳି ପ୍ରକାଶ ।।

**ଆମ ମହାପୁରୁଷ**

# ଭଗବାନ ବିର୍ସାମୁଣ୍ଡା

*ଶ୍ରୀ ବିରଞ୍ଚି ନାରାୟଣ ମିଶ୍ର*

ଝାଡ଼ଖଣ୍ଡର ଲୋହରଡ଼ଗା ଜିଲ୍ଲାର ଉଲିହାଟୁ ଗ୍ରାମରେ ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ବିର୍ସାମୁଣ୍ଡାଙ୍କ ଜନ୍ମ । ତାଙ୍କ ପିତାଙ୍କ ନାମ ସୁଗଣା ମୁଣ୍ଡା ଓ ମାତାଙ୍କ ନାମ କର୍ମୀ ହାତୁ । ସେ ଅତ୍ୟନ୍ତ ଗରିବ ହେତୁ ତାଙ୍କ ମାମୁ ଘରେ ରହୁଥିଲେ । ପରିସ୍ଥିତିରେ ଖ୍ରୀଷ୍ଟିଆନ ସ୍କୁଲ୍‌ରେ ପଢି ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିଥିଲେ । ଅବଶ୍ୟ ପରେ ଖ୍ରୀଷ୍ଟ ଧର୍ମ ତ୍ୟାଗ କରି ମୂଳ ଧର୍ମକୁ ଫେରି ଆସିଥିଲେ ।

ଖ୍ରୀଷ୍ଟିଆନ୍‌ମାନେ ଆଦିବାସୀମାନଙ୍କୁ ଧର୍ମାନ୍ତରଣ କରି ଆଦିବାସୀ ସଂସ୍କୃତିକୁ ଲୋପ କରିବାକୁ ଚାହୁଁଥିଲେ । ବିର୍ସାମୁଣ୍ଡା ଆଦିବାସୀ ସଂସ୍କୃତିର ପ୍ରଚାର ଓ ପ୍ରସାର କରି ଏହାର ପୁନରୁତ୍‌ଥାନ କରିଥିଲେ । ଲୋକମାନଙ୍କର ଦୁରାରୋଗ୍ୟ ରୋଗକୁ ଆଶ୍ଚର୍ଯ୍ୟଜନକ ଭାବେ ଭଲ କରି ପ୍ରଶଂସିତ ହେଉଥିଲେ । ତାଙ୍କୁ ଲୋକେ ସନ୍ଥ ଭାବେ ବିବେଚ୍ନା କରି ତାଙ୍କ ଆଶୀର୍ବାଦ ଭିକ୍ଷା କରୁଥିଲେ ।

ବ୍ରିଟିଶ ସରକାର ମୁଣ୍ଡାମାନଙ୍କ ଜମିକୁ ଠିକାଦାରମାନଙ୍କୁ ହସ୍ତାନ୍ତର କରିବାର ଯୋଜନା କଲେ । ଫଳରେ ସେମାନେ ଜମିର ମାଲିକାନା ହରାଇଲେ । ସେମାନେ ଜମିମାଲିକରୁ ଦିନ ମଜୁରିଆ ଭାବେ କାଳାତିପାତ କଲେ । ପ୍ରଥମେ ଖ୍ରୀଷ୍ଟିଆନମାନଙ୍କ ଦ୍ୱାରା ଧର୍ମାନ୍ତରୀକରଣ ଓ ପରେ ଜମି ହଡ଼ପ । ଏହି ଦୁଇଟି କାରଣ ଯୋଗୁଁ ସେମାନେ ଆନ୍ଦୋଳନ ଚଳାଇଥିଲେ । ବିର୍ସା ଏହାର ନେତୃତ୍ୱ ନେଇ ନିଜକୁ "ଭଗବାନ" ଘୋଷଣା କରି ମୁଣ୍ଡାମାନଙ୍କୁ ଏଥିରୁ ମୁକ୍ତ କରିବାକୁ ପ୍ରତିଜ୍ଞାବଦ୍ଧ ହେଲେ । ସେ "ମୁଣ୍ଡାରାଜ" ଚାଲିବ ବୋଲି ଘୋଷଣା କରିବା ସହିତ ସାଥି ଚାଷୀମାନଙ୍କୁ କୌଣସି କର ନ ଦେବାକୁ ଆଦେଶ ଦେଲେ । ମୁଣ୍ଡାମାନେ ତାଙ୍କୁ ଧରତୀ ଆବା (Father of Earth) ବୋଲି ସମ୍ବୋଧନ କଲେ ।

"ବିର୍ସାଙ୍କ ଅଧୀନତ୍ୱ ସ୍ୱୀକାର ନ କଲେ ହତ୍ୟା କରାଯିବ" ବୋଲି ଏକ ଗୁଜବକୁ ଆଧାର କରି ଇଂରେଜ ସରକାର ତାଙ୍କୁ ବନ୍ଦୀ କଲେ । ୨୪ ଅଗଷ୍ଟ ୧୮୯୫ ରେ ଦୁଇ ବର୍ଷ ପରେ ଜେଲରୁ ମୁକୁଳି ପୁଣି ଖ୍ରୀଷ୍ଟିଆନମାନଙ୍କୁ ବିରୋଧ କଲେ । ପାଦ୍ରୀମାନେ ତାଙ୍କୁ ଗିରଫ କରାଇବାର ଷଡ଼ଯନ୍ତ୍ର କରିବାରୁ ସେ ଦୁଇ ବର୍ଷକାଳ ଆତ୍ମଗୋପନ କଲେ । ଏହି ସମୟରେ ସେ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ । ଜମିର ମାଲିକାନା ଚାଲିଯିବା ପରେପରେ ସେମାନେ ତ ଦିନ ମଜୁରିଆ ଭାବେ ଜୀବିକା ନିର୍ବାହ କରୁଥିଲେ, ପରେପରେ ସେତେବେଳର ଦୁର୍ଭିକ୍ଷ ସେମାନଙ୍କୁ ଅଧିକ ଦରିଦ୍ର ଓ ଦୁର୍ବଳ କରିଦେଲା । ବିକ୍ଷୁବ୍ଧ ମୁଣ୍ଡାମାନେ ବିର୍ସାଙ୍କ ନେତୃତ୍ୱରେ ୧୮୯୯ ମସିହା ବଡ଼ ଦିନରେ ଧନୁ ଓ ତୀର ଧରି ଏକଜୁଟ ହୋଇ ବିକ୍ଷୋଭ ଅରମ୍ଭ କଲେ । ଇଂରେଜ ସରକାରଙ୍କ କାର୍ଯ୍ୟାଳୟ ତଥା ଖ୍ରୀଷ୍ଟିଆନ ମିଶନାରି ଉପରେ ଆକ୍ରମଣ କରିବା ସହ ଦୁଇଜଣ ସିପାହୀଙ୍କୁ ହତ୍ୟା କଲେ । ଖୁଂଟି ଥାନା ଆକ୍ରମଣ କରି ଜଣେ ସିପାହୀକୁ ହତ୍ୟା କଲେ । ସ୍ଥାନୀୟ ଦୋକାନୀମାନଙ୍କ ଘର ଧ୍ୱଂସ କରିଦେଲେ । ଆନ୍ଦୋଳନ ଚାରିଆଡ଼େ ବ୍ୟାପିବାରେ ଲାଗିଲା ।

ସ୍ଥାନୀୟ ପ୍ରଶାସକ ବିଳମ୍ବ ନ କରି ୧୫୦ ଜଣ ସିପାହୀଙ୍କୁ ଧରି ବିଦ୍ରୋହ ଦମନ କରିବାକୁ ଚାଲି ଆସିଲେ । ବିର୍ସାଙ୍କୁ ଧରିବାକୁ ୫୦୦ଟଙ୍କାର ପୁରସ୍କାର ରାଶି ମଧ୍ୟ ସରକାର ଘୋଷଣା କଲେ । ଶେଷରେ ବ୍ରିଟିଶ୍ ବାହିନୀ ପାଖେ ବିର୍ସାଙ୍କ ଗରିଲା ବାହିନୀ ପରାସ୍ତ ହେଲା । ପ୍ରାୟ ୩୦୦ ଆଦିବାସୀଙ୍କୁ ଗିରଫ କରାଗଲା ଓ ନିକଟସ୍ଥ ଏକ (ଜାମକୋଇ) ଜଙ୍ଗଲରୁ ୧୯୦୦ ମସିହା ଫେବୃୟାରୀ ୩ରେ ବିର୍ସାଙ୍କୁ ଗିରଫ କରାଗଲା । ଜେଲରେ ଥିବା ସମୟରେ ୧୯୦୦ ମସିହା ଜୁନ ୯ରେ ସେ ପ୍ରାଣ ହରାଇଲେ । ତାଙ୍କ ମୃତ୍ୟୁ ପରେ ଆନ୍ଦୋଳନ ଥମିଗଲା ସିନା ତାଙ୍କ ପ୍ରାଣବଳି କିନ୍ତୁ ବ୍ୟର୍ଥ ଗଲାନି । ବ୍ରିଟିଶ ସରକାର ଆଇନ ପ୍ରଣୟନ କରି ଆଦିବାସୀମାନଙ୍କ ଜମିକୁ ଅଣଆଦିବାସୀମାନେ ଯେପରି ହଡ଼ପ ନ କରିପାରିବେ ତା'ର ବ୍ୟବସ୍ଥା କରିଥିଲେ ।

ବିର୍ସାମୁଣ୍ଡାଙ୍କ ସ୍ମୃତିରେ ସମଗ୍ର ଦେଶ ଅନେକ ସ୍ମୃତିସ୍ତମ୍ଭମାନ ନିର୍ମାଣ ହୋଇଛି । ତାଙ୍କ ନାମରେ ରାଞ୍ଚି ବିମାନ ବନ୍ଦର, ଜେଲ ଓ ଅନେକ ଶିକ୍ଷାନୁଷ୍ଠାନ ଥିଲାବେଳେ ସେ ଏକ ମାତ୍ର ଆଦିବାସୀ ନେତା, ଯାହାଙ୍କର ଛବି ଦିଲ୍ଲୀର ସଂସଦ ଭବନରେ ସ୍ଥାନ ପାଇଛି ।

ଆନନ୍ଦର କଥା ଯେ, ଭାରତର ସ୍ୱାଧୀନତା ସଂଗ୍ରାମକୁ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅବଦାନକୁ ସ୍ମରଣ ରଖିବା ପାଇଁ କେନ୍ଦ୍ର ସରକାର ତାଙ୍କର ଜନ୍ମ ଦିବସକୁ "ଜନଜାତି ଗୌରବ ଦିବସ" ରୂପେ ପାଳନ କରିବାକୁ ସ୍ଥିର କରିଛନ୍ତି । ବାସ୍ତବରେ ଏହା ହିଁ ହେଉଛି ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

*ସମ୍ପାଦକ*
*ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଫୁଲବାଣୀ*

ଏହାଙ୍କ ସଙ୍ଗେ ବନ୍ଦୀ ହୋଇ । ପୋଷଇ ଦୁଃଖଭାର ବହି ॥

# ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ

(କବି ସୌରଭ) ବୈଜୟନ୍ତୀମାଳା ମହାପାତ୍ର

ଭାରତ ତଥା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ସୁରେନ୍ଦ୍ର ସାଏ ଥିଲେ ଅନ୍ୟତମ । ତାଙ୍କ ମାତୃଭୂମି ପ୍ରୀତି. ତ୍ୟାଗ , ବଳିଦାନ ଓ ବୀରତ୍ୱ ପାଇଁ ସେ ଓଡ଼ିଶା ଓ ଭାରତ ଇତିହାସରେ ଚିର ଅମର ।

ଓଡ଼ିଶାର ସମ୍ବଲପୁରଠାରୁ ପ୍ରାୟ ୩୦ କିଲୋମିଟର ଦୂର ଖିଣ୍ଡା ଗ୍ରାମରେ ୧୮୦୯ ଜାନୁଆରୀ ୨୩ ତାରିଖରେ ସେ ପିତା ଧରମ ସିଂ ଓ ମାତା ରେବତୀ ଦେବୀଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପୂର୍ବପୁରୁଷ ସମ୍ବଲପୁରର ଶାସକ ଥିଲେ । ବାଲ୍ୟ ଅବସ୍ଥାରୁ ସେ ପିତାଙ୍କୁ ହରାଇ କକା ବଳରାମ ସିଂହଙ୍କ ତତ୍ତ୍ୱାବଧାନରେ ବଢ଼ିଥିଲେ । ପିଲାଦିନରୁ ସେ କକାଙ୍କ ଠାରୁ ଶର ଚାଳନା, ଶରୀର ଚର୍ଯ୍ୟା ଘୋଡ଼ାଦୌଡ଼ ଆଦି ଶିକ୍ଷା କରି ଯୁଦ୍ଧ ବିଦ୍ୟାରେ ପ୍ରବୀଣ ଥିଲେ ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରି ପାଖାପାଖି ଅଞ୍ଚଳକୁ ନିଜ ଅଧୀନରେ ରଖିବାକୁ ପ୍ରୟାସ ଜାରି ରଖିଥିଲେ । ସେହି ସମୟରେ ରାଜାମାନଙ୍କ ଶାସନ ଚାଲିଥିଲା ଏବଂ ରାଜାମାନଙ୍କ ମଧ୍ୟରେ ଏକତା ଅଭାବ କାରଣରୁ ପ୍ରାୟ ଗୃହଯୁଦ୍ଧ ଲାଗି ରହୁଥିଲା । ଏହାର ଫାଇଦା ଇଂରେଜମାନେ ଉଠାଉଥିଲେ ଏବଂ ସେମାନଙ୍କ କୂଟନୀତିରେ ସେମାନେ ସଫଳ ମଧ୍ୟ ହୋଇଥିଲେ । ଇଂରେଜମାନଙ୍କ ଲୋମହର୍ଷଣକାରୀ ଅତ୍ୟାଚାରରେ ସରଳ ନିରୀହ ଭାରତୀୟଙ୍କ ଦୁର୍ଦ୍ଦଶା ବର୍ଣ୍ଣନାତୀତ । ଅତ୍ୟାଚାରୀ ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ବୀର ଓଡ଼ିଆ ବିପ୍ଳବୀ ହେଉଛନ୍ତି ବୀର ସୁରେନ୍ଦ୍ର ସାଏ । ବୀର ସୁରେନ୍ଦ୍ର ସାଏଙ୍କ ଦ୍ୱାରା ହୋଇଥିବା ଗଣ ବିପ୍ଳବ ଆଗାମୀ ଭବିଷ୍ୟତରେ ସ୍ୱାଧୀନତା ରୂପ ନେଇ ଇଂରେଜମାନଙ୍କୁ ବିତାଡ଼ିତ କରିବାରେ ସହାୟକ ହେବ, ଏହା ଇଂରେଜମାନଙ୍କ ବିଶ୍ୱାସ ବାହାରେ ଥିଲା । ତେଣୁ ସ୍ୱାଧୀନତା ସଂଗ୍ରାମୀ ରୂପେ ବୀର ସୁରେନ୍ଦ୍ରଙ୍କ ନାମ ଆମ ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

୧୮୨୭ ମସିହାରେ ସମ୍ବଲପୁରର ତତ୍କାଳୀନ ରାଜା ମହାରାଜା ସାଏଙ୍କ ମୃତ୍ୟୁ ହୋଇଥିଲା । ରାଜା ଅପୁତ୍ରକ ଥିବା କାରଣରୁ ବଂଶ କ୍ରମରେ ସୁରେନ୍ଦ୍ର ସାଏ ରାଜଗାଦି ସମ୍ଭାଳିବା କଥା କିନ୍ତୁ ଇଂରେଜମାନେ କୂଟନୀତି ପ୍ରୟୋଗ କରି କୌଶଳରେ ମହାରାଣୀ ମୋହନ କୁମାରୀଙ୍କୁ ରାଜ ଗାଦିରେ ବସାଇ ଥିଲେ । ରାଣୀ ମୋହନ କୁମାରୀଙ୍କୁ ସମ୍ବଲପୁରବାସୀ ପସନ୍ଦ କରୁନଥିଲେ । ତେଣୁ ପ୍ରଜାମାନଙ୍କ ଭିତରେ ଇଂରେଜମାନଙ୍କ ପ୍ରତି ବିପ୍ଳବ ଭାବ ଉଦ୍ରେକ ହୋଇଥିଲା । ସ୍ଥାନୀୟ ପ୍ରଜାମାନଙ୍କ ସମର୍ଥନରେ ବୀର ସୁରେନ୍ଦ୍ର ସାଏ ସଶସ୍ତ୍ର ଆନ୍ଦୋଳନ କରିଥିଲେ ।୧୮୪୦ ମସିହାରେ ଭାଇ ଉଦନ୍ତ ସାଏ ଓ କକା ବଳରାମ ସିଂଙ୍କ ସହ ଇଂରେଜମାନଙ୍କ ହାତରେ ଧରା ପଡ଼ିଥିଲେ । ଏବଂ ହଜାରୀବାଗ କାରାଗରରେ ତାଙ୍କୁ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଥିଲା । ସେହି ବନ୍ଦୀ ଗୃହରେ ହିଁ ବୀର ସୁରେନ୍ଦ୍ର ସାଏଙ୍କ କାକା ବଳରାମ ସିଂଙ୍କ ଦେହାନ୍ତ ହୋଇଥିଲା । ୧୮୫୭ ସିପାହୀ ବିଦ୍ରୋହ ସମୟରେ ସିପାହୀମାନଙ୍କୁ ସେହି ହଜାରୀବାଗ ଜେଲରେ ରଖାଯାଇଥିଲା । କାରାଗାରରେ ସୁରେନ୍ଦ୍ର ସାଏଙ୍କ ସାକ୍ଷାତ ସେହି ସ୍ୱାଧୀନତା ସଂଗ୍ରାମୀ ସିପାହୀମାନଙ୍କ ସହ ହୋଇଥିଲା ଯାହା ବୀର ସୁରେନ୍ଦ୍ର ସାଏଙ୍କ ମାତୃଭୂମି ପ୍ରୀତିକୁ ବହୁ ଗୁଣିତ କରିଥିଲା ଏବଂ ଅତ୍ୟାଚାରୀ ଇଂରେଜମାନଙ୍କ ବିରୋଧରେ ସେ ବିଦ୍ରୋହ କରିବା ପାଇଁ ଦୃଢ଼ ମନୋବଳ ମିଳିବାରେ ସହାୟକ ହୋଇଥିଲା । ସେଠାରୁ ସମ୍ବଲପୁର ପ୍ରତ୍ୟାବର୍ତ୍ତନ କରିବା ପରେ ବିପ୍ଳବୀମାନଙ୍କୁ ଏକାଠି କରି ପୁଣି ଥରେ ଇଂରେଜମାନଙ୍କ ବିରୋଧରେ ସେ ବିଦ୍ରୋହ କଲେ ।

ତାଙ୍କ ଅସାଧାରଣ ବୀରତ୍ୱ, ଦୂରଦୃଷ୍ଟି, ରଣ କୌଶଳ, ନିର୍ଭୀକତା ଏବଂ ସାଂଗଠନିକ ଦକ୍ଷତା ଇଂରେଜମାନଙ୍କୁ ବିଚଳିତ କରି ଥରହର କରିଦେଇଥିଲା । ୧୮୬୧ ମସିହାରେ ସମ୍ବଲପୁରରେ ମେଜର ଇମ୍ପେ ସମ୍ବଲପୁରର ଶାସନ ଭାର ଗ୍ରହଣ କରିଥିଲେ । ତାଙ୍କର କୋହଳ ନୀତି ଯୋଗୁଁ ସମ୍ବଲପୁରରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିଥିଲା । କିନ୍ତୁ ୧୮୬୩ ରେ କ୍ୟାପଟେନ କମ୍ବଲିଟ ଶାସନ ଭାର ନେବା ପରେ ସୁରେନ୍ଦ୍ର ସାଏଙ୍କୁ ଧରିବା ପାଇଁ ପୁରସ୍କାର ଘୋଷଣା କରିଥିଲେ । ଶେଷରେ ସୁରେନ୍ଦ୍ର ସାଏଙ୍କୁ ଧରିବାରେ ଇଂରେଜମାନେ ସଫଳ ମଧ୍ୟ ହୋଇଥିଲେ ଏବଂ ତାଙ୍କୁ ରାୟଗଡ଼ା ଜେଲ୍‌କୁ ପ୍ରେରଣ କରାଯାଇ ଥିଲା । ବିଚାର ପରେ ସୁରେନ୍ଦ୍ର ସାଏଙ୍କ ଶେଷ ଜୀବନ ମଧ୍ୟପ୍ରଦେଶର ଅସୁରଗଡ଼ ଜେଲ୍‌ରେ କଟିଥିଲା । ସେହି କାରାଗାରରେ ୧୮୮୪ ମସିହା ଫେବୃଆରୀ ୧୮ ତାରିଖରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରି ଚିର ଦିନ ପାଇଁ ଅମର ହୋଇଗଲେ ।

ବୀର ସୁରେନ୍ଦ୍ର ସାଏଙ୍କ ଭଳି ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ମାତୃଭୂମି ଗର୍ବିତ । ସେହି ସଂଗ୍ରାମ ଓ ସଂଘର୍ଷର ପ୍ରତୀକ, ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନକାରୀ ମହାନ୍ ଦେଶଭକ୍ତଙ୍କ ଦେଶପ୍ରେମର ଗାଥା ଚିର ଅମର । ସେହି ଭଳି ସ୍ୱଦେଶପ୍ରେମୀ, ନିର୍ଭୀକ, ତ୍ୟାଗୀ, ଅନ୍ୟାୟ ବିରୋଧୀ ବୀର ପୁତ୍ରକୁ ଜନ୍ମ କରି ଉତ୍କଳ ମାତା ଧନ୍ୟ ହୋଇଛି ।

ବନ୍ଦେ ମାତରମ୍

ବନ୍ଦେ ଉତ୍କଳ ଜନନୀ

ଫୁଲବାଣୀ, କନ୍ଧମାଳ

ସେ ପୁଣି ଯାନ୍ତି ଯେଝା ପଥେ । ଶୋକ ସନ୍ତାପ ଦେଇ ଚିତ୍ତେ ॥

**ଗୀତା ଜ୍ଞାନ**

# ଓଁ ଶ୍ରୀ ପରମାତ୍ମନେ ନମଃ



ଶ୍ରୀମଦ୍ ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ୧୫ ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ସମସ୍ତ ବେଦ ଓ ଦର୍ଶନର ସାରାଂଶକୁ ପ୍ରତିପାଦନ କରିବାକୁ ଯାଇ ଅସତ୍‌ର ଅବିଦ୍ୟମାନତା ଓ ସତ୍ ବିଦ୍ୟମାନତାକୁ ପ୍ରକାଶ କରିଛନ୍ତି । ସଂସାରରେ ଭାବ ଓ ଅଭାବ ଦୁଇଟି ଯାକ ଦେଖାଯାଉ ଥିଲେ ମଧ୍ୟ ଅଭାବ ହିଁ ମୁଖ୍ୟ ରୂପେ ଦେଖାଯାଇ ଥାଏ । ସେହିପରି ପରମାତ୍ମାଙ୍କ ଠାରେ ଭାବ ଓ ଅଭାବ ଦୁଇଟି ଯାକ ଦେଖା ଯାଉ ଥିଲେ ମଧ୍ୟ, ଭାବ ହିଁ ମୁଖ୍ୟ ରୂପେ ପ୍ରତୀୟମାନ ହୁଏ । ଏହି ଦୁଇଟି ତତ୍ତ୍ୱକୁ ଜ୍ଞାନୀମାନେ ଉପଲବ୍ଧି କରିଛନ୍ତି । ଏଣୁ ଏହି ସତ୍ୟକୁ ଆମକୁ ସ୍ୱୀକାର କରିବାକୁ ହେବ । ଭଗବାନ ଉପରୋକ୍ତ ବକ୍ତବ୍ୟକୁ ଅଧିକ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ପରବର୍ତ୍ତୀ ଦୁଇଟି ଶ୍ଳୋକରେ ସତ୍ ଓ ଅସତ୍ ସଂଜ୍ଞା ନିରୂପଣ କରିଛନ୍ତି ।

"ଅବିନାଶି ତୁ ତଦ୍‌ବିଦ୍ଧି ଯେନ ସର୍ବମ୍ ଇଦଂ ତତମ୍
ବିନାଶମ୍ ଅବ୍ୟୟସ୍ୟ ଅସ୍ୟ ନ କଶ୍ଚିତ୍ କର୍ତ୍ତୁମ୍ ଅର୍ହତି । ।୧୭ ।

*✱ ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ*

ଅର୍ଥାତ୍ - ଯେ ଏହି ଦୃଶ୍ୟ ଜଗତରେ ପରିବାପ୍ତ ହୋଇ ଅଛନ୍ତି ତାହାକୁ ତୁମେ ଅବିନାଶୀ ଆତ୍ମା ବୋଲି ଜାଣ । ଏହି ଅବ୍ୟୟ ବ୍ରହ୍ମଙ୍କର ବିନାଶ କେହି ହେଲେ କରିପାରିବେ ନାହିଁ ।

ଭଗବାନ ଏଠାରେ କହୁଛନ୍ତି ଯେ ହେ ଅର୍ଜୁନ ! ତୁମେ କଦାପି କ୍ଷୟ ହେଉ ନ ଥିବା(ଅବିନାଶୀ) ଆତ୍ମା ତତ୍ତ୍ୱ ଜାଣ (ତତ୍ତ୍ୱକୁ) ଯାହା କି ଦୃଶ୍ୟମାନ ଏହି ସମଗ୍ର ସଂସାରରେ ପରୋକ୍ଷ ତତ୍ତ୍ୱ ଭାବରେ ବ୍ୟାପ୍ତ ଓ ପରିପୂର୍ଣ୍ଣ, କାରଣ ପ୍ରତ୍ୟକ୍ଷ ଭାବରେ ଯାହା ସଂସାରରେ ଦେଖାଯାଉଥାଏ ତାହା ବିନାଶ କାଳ ତଥା ଅବିଦ୍ୟମାନ । କିନ୍ତୁ ଆତ୍ମା ତ୍ରିକାଳ ବାଧିତ ସତ୍ୟ ବସ୍ତୁ । ତେଣୁ ତା'ର ବିନାଶ କେବେ ହେଲେ ସମ୍ଭବ ନୁହେଁ ।

ଯେନ ସର୍ବମ୍ ଇଦଂ ତତମ୍ - ଯାହା ଦ୍ୱାରା ଏହି ସାରା ସଂସାର ବ୍ୟାପ୍ତ- ଅର୍ଥାତ୍ ସୁବର୍ଣ୍ଣ ଅଳଙ୍କାରମାନଙ୍କରେ ସୁନା ମାଟିପାତ୍ର ରେ ମାଟିତତ୍ତ୍ୱ ଏବଂ ଲୌହ ନିର୍ମିତ ଅସ୍ତ୍ରଶସ୍ତ୍ରରେ ଲୁହା ବିଦ୍ୟମାନ ସେହି ପରି ଏହି ପ୍ରତ୍ୟକ୍ଷ ସଂସାରରେ ନିତ୍ୟ ଆତ୍ମତତ୍ତ୍ୱ ପରୋକ୍ଷ ଭାବେ ବ୍ୟାପ୍ତ ଓ ବିଦ୍ୟମାନ ।

ଯେନ ସର୍ବମ୍ ଇଦଂ ତତମ୍- ଏହି ପଦଟି ଶ୍ରୀମଦ୍ ଭଗବତ୍ ଗୀତାରେ ତିନିଥର ବ୍ୟବହୃତ ହୋଇଛି । ଉପରୋକ୍ତ ୧୭ତମ ଶ୍ଳୋକରେ ଏହି ପଦଟି ଶରୀରୀ (ଆତ୍ମା) ଉଦ୍ଦେଶ୍ୟରେ ପ୍ରଯୁକ୍ତ ହୋଇଛି । ଏହା ସାଂଖ୍ୟଯୋଗ ଦୃଷ୍ଟିରୁ କୁହାଯାଇଛି । ଦ୍ୱିତୀୟ ଥର ଏହି ପଦଟି ଅଷ୍ଟମ ଅଧ୍ୟାୟର ୨୨ତମ ଶ୍ଳୋକରେ ବ୍ୟବହୃତ ହୋଇଛି । ଏହା ଭକ୍ତିଯୋଗ ଦୃଷ୍ଟିରୁ ବର୍ଣ୍ଣନା କରାଯାଇ କୁହାଯାଇଛି ଯେ, ଯେଉଁ ଈଶ୍ୱରଙ୍କ ଦ୍ୱାରା ଏହି ସାରା ସଂସାର ବ୍ୟାପ୍ତ ସେ ଅନନ୍ୟ ଭକ୍ତିରେ ପ୍ରାପ୍ତ ହୁଅନ୍ତି । ତୃତୀୟ ଥର ଏହି ପଦଟି ଅଷ୍ଟାଦଶ ଆଧାୟର ୪୬ଶ ଶ୍ଳୋକରେ ବ୍ୟବହୃତ ହୋଇଛି । ସେଠାରେ କୁହାଯାଇଛି ଯେ ଯାହାଙ୍କ

ବଦନ ଥାଉଁ ହରି ବାଣୀ । ମୁଖେ ଯେ ନ ବୋଲନ୍ତି ପ୍ରାଣୀ ।।

ଦ୍ୱାରା ଏହି ସାରା ସଂସାର ବ୍ୟାପ୍ତ ପ୍ରତ୍ୟେକ ମନୁଷ୍ୟ ନିଜନିଜ କର୍ମଧର୍ମ ମାଧ୍ୟମରେ ଉପାସନା କରି ସିଦ୍ଧି ପ୍ରାପ୍ତ ହୋଇଥାନ୍ତି । ଏହା ଉଭୟ କର୍ମଯୋଗ ଓ ଭକ୍ତିଯୋଗ ଦୃଷ୍ଟିରୁ କୁହାଯାଇଛି । ୧୭ ତମ ଶ୍ଳୋକରେ - ଯେନ ସର୍ବମ୍ ଇଦଂ ତତମ୍ - ପଦଟି ଜୀବାତ୍ମା ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିବା ସ୍ଥଳେ ଅନ୍ୟ ଦୁଇଟି ସ୍ଥାନରେ (ଅଷ୍ଟମ ଅଧ୍ୟାୟରେ ୨୨ ତମ ଓ ଅଷ୍ଟାଦଶ ଅଧ୍ୟାୟର ୪୫ଶ) ପରମାତ୍ମାଙ୍କ ନିମନ୍ତେ ପ୍ରଯୁକ୍ତ ହୋଇଛି ।

ଏହା ବ୍ୟତୀତ ଭଗବାନ ନବମ ଅଧ୍ୟାୟର ୪ର୍ଥ ଶ୍ଳୋକରେ କହିଛନ୍ତି ଯେ, ଅବ୍ୟକ୍ତ ସ୍ୱରୂପ ମୋ ଦ୍ୱାରା ଏହି ସମଗ୍ର ଜଗତ ବ୍ୟାପ୍ତ (ମୟା ତତମ୍ ଇଦଂ ସର୍ବଂ ଜଗତ ଅବ୍ୟକ୍ତ ମୂର୍ତ୍ତିନାମ୍)

ବିନାଶମ୍ ଅବ୍ୟୟସ୍ୟ ଅସ୍ୟ ନ କଶ୍ଚିତ୍ କର୍ତ୍ତୁ ଅର୍ହତି– ଭଗବାନ ବୁଝାଉଛନ୍ତି ଯେ ଏହି ଶରୀର ବା ଆତ୍ମା ହେଉଛି ଅବିନାଶୀ ତଥା ଅବ୍ୟୟ । ଏହାର ବିନାଶ କେବେ ହେଲେ ହୁଏ ନାହିଁ । ତେଣୁ ହେ ଅର୍ଜୁନ ! ତୁମେ ଯାହା ଭାବୁଛ ଯେ ତୁମେ ଯୁଦ୍ଧ ନ କଲେ କୁରୁକ୍ଷେତ୍ରରେ ଉପସ୍ଥିତ ଯୋଦ୍ଧା ଓ ରାଜାମାନଙ୍କ ମୃତ୍ୟୁ ହେବ ନାହିଁ ଏହା ତୁମର ଭୁଲ ଧାରଣା ଅଟେ । ତୁମେ ଯୁଦ୍ଧ କର ବା ନ କର ଏହି ଦେହଧାରୀ ଯୋଦ୍ଧାମାନେ ନିଶ୍ଚିତ ଭାବରେ ମୃତ୍ୟୁ ବରଣ କରିବେ । କିନ୍ତୁ ସେମାନଙ୍କ ଶରୀରକୁ ଧାରଣ କରିଥିବା ନିତ୍ୟ ତତ୍ତ୍ୱ ଆତ୍ମା ଅମର ଓ ସେ ସର୍ବଦା ରହିଥିବ ।

ପରବର୍ତ୍ତୀ ୧୮ ଟି ଶ୍ଳୋକରେ ଅର୍ଜୁନଙ୍କ ଶଙ୍କାର ବିମୋଚନ କରିବାକୁ ଯାଇ ଶରୀରୀ (ଆତ୍ମା) ଓ ଶରୀର(ଦେହ)ର ଯଥାର୍ଥ ସଂପର୍କ ବିଷୟରେ ବର୍ଣ୍ଣନା କରିଛନ୍ତି ।

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ
ଅନାଶକ୍ତ ଅପ୍ରମେୟସ୍ୟ ତସ୍ମାତ୍ ଯୁଧ୍ୟସ୍ୱ ଭାରତ ।୧୮ ।

ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି ଯେ ହେ ଅର୍ଜୁନ ! ଏହି ଶରୀର ଅନ୍ତଯୁକ୍ତ– ଅର୍ଥାତ୍ ଦୃଶ୍ୟମାନ ଏହି ଦେହ ବା ଶରୀର ଭଗବାନ ଏବଂ ସେଗୁଡ଼ିକର ପ୍ରତିକ୍ଷଣ ଅନ୍ତ ଘଟୁଛି । କିନ୍ତୁ ଆତ୍ମା ନିତ୍ୟ ଅବିନାଶୀ ଓ ଅପ୍ରମେୟ (ଯାହା ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ନିର୍ଣ୍ଣୟ କରିହୁଏ ନାହିଁ) । ତେଣୁ ତୁମେ ଚିନ୍ତା ଓ ଶୋକ ପରିହାର କରି ଯୁଦ୍ଧ କର ।

ନିଜକୁ (ଜୀବନ ସ୍ୱରୂପକ) ଶରୀରରେ ରଖିବା କାରଣରୁ ଆମର ମୁଁ ଭାବ ଜାତ ହୋଇଥାଏ ଏବଂ ତତ୍ ପରେ ମନରେ ମୋର ଓ ମମତା ଭାବର ଉତ୍ପନ୍ନ ହୋଇଥାଏ । ଅର୍ଜୁନଙ୍କ ଠାରେ ଏହି ସୂକ୍ଷ୍ମ ଜ୍ଞାନର ଅଭାବରୁ ମୋହ ଜାତ ହୋଇଥିଲା । ତେଣୁ ଭଗବାନ ଆଦେଶ ଦେଇ କହୁଛନ୍ତି ଯେ ଆତ୍ମା ଅବିନଶ୍ୱର ଓ ଦେହାଦିର ନଶ୍ୱରତ୍ୱ ବୁଝି (ତତ୍ତ୍ୱ ବିଦ୍ଧ) ବା ସ୍ମରଣ କରି ମୋର ଯୁକ୍ତ କାତରତା ତ୍ୟାଗ କର ଏବଂ ସ୍ୱଧର୍ମ ପାଳନ ପୂର୍ବକ ଯୁଦ୍ଧରେ ପ୍ରବୃତ୍ତ ହୁଅ । ସେଥିରେ ହିଁ ତୁମର କଲ୍ୟାଣ ହେବ ।

ଏହା ପୂର୍ବରୁ ୨ୟ ଅଧ୍ୟାୟର ତୃତୀୟ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଆଦେଶ ଦେଇ କରିଥିଲେ ଯେ ହେ ପାର୍ଥ ! ତୁମେ ଦୁର୍ବଳତା ତ୍ୟାଗ କରି ଉଠ ଏବଂ ଯୁଦ୍ଧ ରୂପକ ଏହି କର୍ତ୍ତବ୍ୟକୁ ପାଳନ କର । (କ୍ଷୁଦ୍ରଂ ହୃଦୟ ଦୌର୍ବଲ୍ୟ ତ୍ୟକ୍ତ ଉତ୍ତିଷ୍ଠ ଭାରତ) । ଏହାପରେ ଭଗବାନ ଯେଉଁ ଉପଦେଶ ପ୍ରଦାନ କରିଛନ୍ତି ତାହା ଦ୍ୱାରା ଅର୍ଜୁନଙ୍କ ମାନସିକ ସ୍ଥିତିର ନିଶ୍ଚିତ ଉନ୍ନତି ହୋଇଥିବା ମନେକରି ପୁନଶ୍ଚ ସେହି ଆଦେଶ ଦେଇଛନ୍ତି ଯେ ତୁମେ ଯୁଦ୍ଧ କର ।

ଦ୍ୱିତୀୟ ଅଧ୍ୟାୟର ୧୭ ଓ ୧୮ ତମ ଶ୍ଳୋକରେ ଯଦିଓ ଶରୀର ବିନାଶଶୀଳ କଥାକୁ ଉଲ୍ଲେଖ କରାଯାଇଛି, କିନ୍ତୁ ବିଶେଷ ଭାବରେ ଏହି ଦୁଇଟି ଶ୍ଳୋକରେ ସତ୍ ତତ୍ତ୍ୱର ଆଲୋଚନା ହିଁ କରାଯାଇଛି । କାରଣ ସତ୍‌ତତ୍ତ୍ୱ ବୋଧ କରାଇବା ହିଁ ଭଗବାନଙ୍କ ପ୍ରକୃତ ଲକ୍ଷ୍ୟ ଯାହା ଦ୍ୱାରା ଅର୍ଜୁନ ନିଜର କର୍ତ୍ତବ୍ୟ ଠିକ୍ ନିରୂପଣ କରିପାରିବେ ।

ପରମାର୍ଥ ସତ୍ତାର ଅନ୍ୱେଷଣ ତଥା ଆତ୍ମତତ୍ତ୍ୱକୁ ଜାଣିବାର ଗଭୀର ଆକାଂକ୍ଷା ସର୍ବଦା ମନୁଷ୍ୟ ମଧ୍ୟରେ ରହି ଆସିଛି । ବେଦ ଓ

ନାମ ନ ଶୁଣନ୍ତି ଶ୍ରବଣେ । ଯେ ଥାନ୍ତି ପାପ ଆଚରଣେ ।।

ଉପନିଷଦ୍‌ରେ ଏ ପ୍ରସଙ୍ଗରେ ଅନେକ ଉଲ୍ଲେଖ ରହିଛି । ଏହି ଜିଜ୍ଞାସାର ପ୍ରତିଫଳନ ଘଟିଛି ନଚିକେତାଙ୍କ ପ୍ରସଙ୍ଗରେ -ଋଷିପୁତ୍ର ନଚିକେତା ଯମଙ୍କୁ ପ୍ରଶ୍ନ କରିଛନ୍ତି :-

ଯେୟମ୍ ପ୍ରେତେ ବିଚିକିତ୍ସା ମନୁଷ୍ୟେ -
ଅସ୍ତୀତ୍ୟେକେ ନାୟମସ୍ତୀତି ଚୈକେ -

ମନୁଷ୍ୟ ମରିଗଲେ କେହି କେହି କହନ୍ତି ତା'ର ଆଉ ଅସ୍ତିତ୍ୱ ରହେ ନାହିଁ । ପୁଣି କେହି କେହି କହନ୍ତି ନା-, ସେତେବେଳେ ତା'ର ମଧ୍ୟ ଅସ୍ତିତ୍ୱ ରହିଥାଏ । ଏ ଦୁଇଟି ମଧ୍ୟରୁ କେଉଁଟି ସତ୍ୟ ?

ନଚିକେତାଙ୍କ ଏହି ତୃତୀୟ ପ୍ରଶ୍ନର ଉତ୍ତରରେ ଯମରାଜ ଆତ୍ମାର ନିଶ୍ଚିତତା ଶାଶ୍ୱତତା ତଥା ଆତ୍ମା ଯେ ଅବିନାଶୀ ଏହାକୁ ବୁଝାଇଛନ୍ତି ।

ଏହି ସଂସାରରେ ଶରୀର ଯେ ମୋହର କାରଣ ଏହି କଥାକୁ ଭାଗବତ୍‌କାର ବିଭିନ୍ନ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି । ଶ୍ରୀମଦ୍ ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତର ଦଶମ ସ୍କନ୍ଧରେ ନିମ୍ନ ପ୍ରକାରେ କୁହାଯାଇଛି ।

ଏ ଦେହ କହିବା କାହାର । ପିତା ମାତା ବା ବନ୍ଧୁଙ୍କର ।।
କି ଅନ୍ନଦାତା କି ରାଜାର । କି ଅଗ୍ନି ଶ୍ୱାନ ଶୃଗାଳର ।।
କି ଅବା ନିଜର ଏ ଦେହ । କେ ଏହା କହିବ ନିଶ୍ଚୟ ।।

ନିଜ ସ୍ୱରୂପ ଜ୍ଞାନର ଅଭାବରେ ଆମେ ଚିରକାଳ ଦୁଃଖ ଭୋଗ କରୁଥାଇଁ । ଭାଗବତ କହନ୍ତି-

"ପର ଆପଣା ବୋଲି ହୁଡ଼ି । ଭ୍ରମିନ୍ତି ମାୟା ଚକ୍ରେ ପଡ଼ି ।।
ମୋହର ଆତ୍ମା ପୁତ୍ର ଘର । ଦାରା ସଂପଦ ବନ୍ଧୁ ମୋର ।।
ଅନିତ୍ୟ ସଂସାର ସାଗରେ । ମୁଁ ଯେ ବୁଡ଼ିଲି ଦୁଃଖ ଘୋରେ ।।
ଆତ୍ମାର ଗତି ନ ଜାଣଇ । ଭୋ ନାଥ ରଖ ଭାବଗ୍ରାହୀ" ।।

*ଶିକ୍ଷା ବିକାଶ ସମିତି*
*ଓଡ଼ିଶା, ଭୁବନେଶ୍ୱର*



ସ୍ତ୍ରୀ ଶୂଦ୍ର ଆଦି ଯେତେ ନରେ । ଯେ ଥାନ୍ତି ନିନ୍ଦିତ ଆଚାରେ ।।

**ସଂସ୍କୃତେନ ବଦତୁ**

# ଅନ୍ଧାନୁକରଣସ୍ୟ ଫଲମ୍

ଶ୍ରୀ ଶ୍ରୀନିବାସ ପ୍ରଧାନ

କସ୍ମିଂଶ୍ଚିତ୍ ଲଘୁନଗରେ କଶ୍ଚିତ୍ ବଣିକଃ ବସତି ସ୍ମ । ତସ୍ୟ ନିକଷା ଏକଃ ପାଳିତଃ ଅଶ୍ୱଃ ଏକଃ ପାଳିତଃ ଗର୍ଦ୍ଦବଃ ଚ ଆସ୍ତାମଃ । ବଣିକଃ ତସ୍ୟ ଉପରି ବସ୍ତୁନି ଆରୋପ୍ୟ ସର୍ବତ୍ର ଗତ୍ୱା ବାଣିଜ୍ୟଂ କରୋତି ସ୍ମ ସଃ ବଣିକଃ ପ୍ରଧାନତୟା କାର୍ପାସସ୍ୟ ଲବଣସ୍ୟ ଚ ବିକ୍ରୟଣଂ କରୋତି ସ୍ମ । ପ୍ରତିଦିନଂ ପ୍ରାତଃ କାଲେ ଅଶ୍ୱସ୍ୟ ଉପରି ଲବଣସ୍ୟ ଗୁଣିଂ ଗର୍ଦ୍ଦବସ୍ୟ ଉପରି କାର୍ପାସସ୍ୟ ଗୁଣିଂ ଆରୋପ୍ୟ ସଃ ବାଣିଜ୍ୟାର୍ଥଂ ଗଚ୍ଛତି ସ୍ମା ସାୟଂକାଲ ପର୍ଯ୍ୟନ୍ତଂ ଅନ୍ୟାନ୍ୟ ଗ୍ରାମାନ୍ ଅଟିତ୍ୱା ବାଣିଜ୍ୟଂ କୃତ୍ୱା ଗୃହଂ ପ୍ରତ୍ୟଗଚ୍ଛତି ସ୍ମ । ଅଶ୍ୱଗର୍ଦ୍ଦବୟୋଃ ମଧ୍ୟେ ଅଶ୍ୱଃ ବୁର୍ଦ୍ଧିମାନଃ ବିଚାରଶୀଲଃ ଚ ଗଦ୍ଧବଃ ତୁ ବୁଦ୍ଧିହୀନଃ ବିଚାରହୀନଃ ଚ ଆସୀତ୍ । ଏକସ୍ମିନ୍ ଦିନେ ବଣିକଃ ପ୍ରତିଦିନମ୍ ଇବ ଅଶ୍ୱସ୍ୟ ଉପରି ଲବଣସ୍ୟ ଗୁଣିଂ ଗର୍ଦ୍ଦବସ୍ୟ ଉପରି କାର୍ପାସସ୍ୟ ଗୁଣିଂ ଚ ସଂସ୍ଥାପ୍ୟ ଅନ୍ୟ ନଗରଂ ପ୍ରତି ପ୍ରସ୍ଥିତବାନ୍ । ଅନ୍ୟ ନଗରଂ ବହୁ ଦୂରେ ଆସୀତ୍ । ତେ ବହୁକାଳ ପର୍ଯ୍ୟନ୍ତଂ ଚଲିତବନ୍ତଃ । ତଥାପି ନଗରଂ ନପ୍ରାପ୍ତବନ୍ତଃ । ଆତପଃ ଅପି ଅଧିକଃ ଆସୀତ୍ । ସର୍ବେ ଅପି ଶ୍ରାନ୍ତାଃ ଭବନ୍ତି ସ୍ମ । ଅଶ୍ୱଃ ଅତ୍ୟନ୍ତଃ ଶ୍ରାନ୍ତଃ ଯତଃ ତସ୍ୟ ଉପରି ଲବଣ ଗୁଣିମ୍ ଆସୀତ୍ । ବଣିକଃ ଅପି ଶ୍ରାନ୍ତଃ । ତଥାପି ତସ୍ମିନ୍ ଏବ ଦିନେ ଅନ୍ୟ ନଗରଂ ପ୍ରାପ୍ତବ୍ୟମ୍ ଇତି ସଃ ମଧ୍ୟେ କୁତ୍ରାପି ବିଶ୍ରାନ୍ତିଂ ସ୍ୱୀକର୍ତ୍ତୁଂ ନ ଇଷ୍ଟବାନ୍ । ଏବଂ ଶ୍ରାନ୍ତାଃ ତେ ଯଦା ଗଚ୍ଛନ୍ତଃ ଆସନ୍ ତଦା ଏକା ନଦୀ ପ୍ରାପ୍ତା । ନଦ୍ୟାମ୍ ଅଧିକଂ ଜଳଂ ନ ଆସୀତ୍ । ନଦୀଂ ଦୃଷ୍ଟ୍ୱା ଅଶ୍ୱଃ ବହୁ ଉଲ୍ଲସିତଃ ଅଭବତ୍ । ସଃ ମନସି ଏବଂ ଚିନ୍ତିତବାନ୍– ଅହଂ ଜଲେ କିଞ୍ଚିତ୍ କାଲମ୍ ଉପବିଶାମି । ତଦା ମମ ପୃଷ୍ଠସ୍ୟ ଭାରଃ ନ୍ୟୂନଃ ଭବିଷ୍ୟତି ଇତି । ଏବଂ ବିଚିନ୍ତ୍ୟ ଅଶ୍ୱଃ ଯଦା ନଦ୍ୟାଃ ମଧ୍ୟଭାଗଂ ଗତବାନ୍ ତଦା ପାଦାନ୍ ପ୍ରସାର୍ଯ୍ୟ ଉପବିଷ୍ଟବାନ୍ । ତଦା ଗୁଣ୍ୟାଂ ବିଦ୍ୟାମାନଂ ଲବଣଂ ଜଲସ୍ପର୍ଷେଣ କିଞ୍ଚିତ ବିଲୀନମ୍ ଅଭବତ୍ । ଭାରଃ ନ୍ୟୂନଃ ଜାତଃ । ଅନନ୍ତରଂ ସଃ ଉତ୍ଥିତବାନ୍ । ତଦା ଗର୍ଦ୍ଦବଃ ଅଶ୍ୱଂ ପୃଷ୍ଟବାନ୍ – ଭୋ ! ଭବାନ୍ କିମର୍ଥଂ ତଥା କୃତବାନ ଇତି । ଅଶ୍ୱଃ ଉକ୍ତବାନ୍ – ମମ ପୃଷ୍ଠସ୍ୟ ଭାରଂ ନ୍ୟୂନୀକର୍ତ୍ତୁଂ ତଥା କୃତବାନ୍ ଇତି । ଅଶ୍ୱସ୍ୟ ଉତ୍ତରଂ ଶ୍ରୁତ୍ୱା ଗର୍ଦ୍ଦବଃ ଅନୁକ୍ଷଣଂ ସ୍ୱୟମ ଅପି ଜଲେ ଉପବିଷ୍ଟବାନ୍ ଏବ । ତଦା ତସ୍ୟ ପୃଷ୍ଠସ୍ୟ ଉପରି କାର୍ପାସଃ ସର୍ବଃ ଆର୍ଦ୍ରଃ ଅଭବତ୍ । ତେନ ତସ୍ୟ ଭାରଃ ପୂର୍ବାପେକ୍ଷୟା ଦ୍ୱିଗୁଣିତଃ ଅଭବତ୍ । ଗର୍ଦ୍ଦବଃ ତତଃ ଉତ୍ଥାତୁମ୍ ଏବ ନ ଶକ୍ତଃ । ଜଲେ ଉପବିଷ୍ଟଂ ଗର୍ଦ୍ଦବଂ ଦୃଷ୍ଟ୍ୱା । ବଣିକଃ କୁପିତଃ ଅଭବତ୍ । କାର୍ପାସଃ ଆର୍ଦ୍ରଃ ଅଭବତ୍ ଇତି କାରଣେନ ତେନ ବହୁ ନଷ୍ଟମ୍ ଅପି ଅନୁଭୁକ୍ତବ୍ୟମ୍ । ସଃ ଦୁଃଖେନ କୋପେନ ଚ ଗର୍ଦ୍ଦବଂ ସମ୍ୟକ୍ ତାଡ଼ିତବାନ୍ । କଥଞ୍ଚିତ୍ ଗର୍ଦ୍ଦବମ୍ ଆକର୍ଷ୍ୟ ତୀରଂ ନୀତବାନ୍ । ଗର୍ଦ୍ଦବମ୍ ଆତପେ ସଂସ୍ଥାପ୍ୟ ସ୍ୱୟଂ ଅଶ୍ୱେନ ସହ ଏକତ୍ର ଛାୟାୟାମ୍ ଉପବିଷ୍ଟବାନ୍ । ମୂର୍ଖଃ ଗର୍ଦ୍ଦବଃ ଆତପେ ସ୍ଥିତ୍ୱା ଇତୋପି ଶ୍ରାନ୍ତଃ ଅଭବତ୍ । ଯଦା କାର୍ପାସଃ ଶୁଷ୍କଃ ଅଭବତ୍ ତଦା ବଣିକଃ ପୁନଃ ଅଗ୍ରେ ପ୍ରସ୍ଥାନଂ କୃତବାନ୍ । ଅତଃ ଏବ ଉଚ୍ୟତେ କାରଣମ୍ ଅଜ୍ଞାତ୍ୱା କସ୍ୟାପି ଅନୁକରଣଂ ନ କରଣୀୟମ୍ ଇତି ।

ପୂର୍ବକ୍ଷେତ୍ର ସଂସ୍କୃତ ପ୍ରମୁଖ



**ସେ ଯେବେ ସାଧୁଙ୍କୁ ଦେଖନ୍ତି । କଳୁଷ ପଙ୍କୁ ନିସ୍ତରନ୍ତି ॥**

**ମହାନ ନାରୀ**

# ଜୀଜାବାଈ

*ଶ୍ରୀମତୀ ଇନ୍ଦୁପ୍ରଭା ବିଶ୍ୱାଳ*

ଯୁଗେ ଯୁଗେ ଭାରତର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ, ଭାରତମାତାର କୋଳମଣ୍ଡନ କରି ଯେଉଁ କେତେଜଣ ବୀର ରମଣୀ ନିଜର ସ୍ୱକୀୟ ଗୁଣରେ ଦେଶର ଗୌରବ ବଢାଇଛନ୍ତି ସେମାନଙ୍କ ମଧ୍ୟରୁ ରାଜମାତା ଜୀଜାବାଈ ଅନ୍ୟତମ । ମରାଠାର ମହାନ ଯୋଦ୍ଧା ଓ ଶାସକ ଛତ୍ରପତି ଶିବାଜୀଙ୍କର ମାଆ ହେଉଛନ୍ତି ଜୀଜାବାଈ । ଜୀଜାବାଈ ଶିବାଜୀଙ୍କ ମାର୍ଗଦର୍ଶିକା ଏବଂ ପ୍ରେରଣାଦାତ୍ରୀ ଥିଲେ । ବିଶାଳ ହିନ୍ଦୁ ସମାଜର ଛାତ୍ରପତି ହେବାରେ ଜୀଜାବାଈଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଜୀଜାବାଈଙ୍କର ପୂରାନାମ ଜୀଜାବାଈ ସାହାଜୀ ଭୋସଲେ ୧୫୯୮ ଜାନୁଆରୀ ୧୨ ତାରିଖରେ ମହାରାଷ୍ଟ୍ରର ବୁଲଡାଡ଼ା ଜିଲ୍ଲାରେ ଜୀଜାବାଈ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଲାଖୋଜୀ ରାଓ ଯାଧବ ଓ ମାଆଙ୍କ ନାମ ମହାଲସା ବାଈ ଥିଲା । ସେଠାକାର ପରମ୍ପରା ଅନୁସାରେ ଖୁବ କମ୍ ବୟସରେ ଜୀଜାବାଈଙ୍କର ବିବାହ ଶାହାଜୀ ରାଜ ଭୋସଲେଙ୍କ ସହିତ ସଂପନ୍ନ ହୋଇଥିଲା । ଶାହାଜୀ ନିଜାମଶାହୀଙ୍କ ସେନାଦଳର ପ୍ରମୁଖ ସେନାନାୟକ ଥିଲେ ଏବଂ ଜଣେ ମହାନ ଯୋଦ୍ଧା ମଧ୍ୟ ଥିଲେ । ଜୀଜାବାଈଙ୍କର ଛଅ ଝିଅ ଏବଂ ଦୁଇପୁତ୍ର ସନ୍ତାନ ଜନ୍ମ ହୋଇଥିଲେ । ସେଥିମଧ୍ୟରୁ ଶିବାଜୀ ଅନ୍ୟତମ । ଶିବାଜୀଙ୍କର ବଡ଼ଭାଇଙ୍କ ନାମ ସମ୍ଭାଜୀ ଥିଲା ।

ଜୀଜାବାଈଙ୍କର ବୈବାହିକ ଜୀବନ ଅତ୍ୟନ୍ତ ସୁଖମୟ ଥିଲା । ସମୟ କ୍ରମେ ଶାହାଜୀ ଓ ଜୀଜାବାଈଙ୍କ ପିତା ଯାଧବ ରାଓଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହେଲା ଯାହା ଫଳରେ ତାଙ୍କ ପିତା ନିଜାମଙ୍କ ବିରୋଧରେ ଦିଲ୍ଲୀର ମୋଗଲମାନଙ୍କ ସହ ମିଶି ପ୍ରତିଶୋଧ ନେବାକୁ ଚେଷ୍ଟା କଲେ । ଏହି ଘଟଣା ଜୀଜାବାଈଙ୍କୁ ଅତ୍ୟନ୍ତ ମର୍ମାହତ କରିଥିଲା । ସେ ଚାହୁଁଥିଲେ ଦୁହେଁ ମିଶି ମରାଠା ସାମ୍ରାଜ୍ୟର ବିସ୍ତାର କରନ୍ତୁ । ଏହି ସମୟରେ ଜୀଜାବାଈ ନିଜର ପତ୍ନୀଧର୍ମ ପାଳନ କରିବାକୁ ଯାଇ ସ୍ୱାମୀଙ୍କ ପକ୍ଷ ନେଇଥିଲେ ଯାହାକି ତାଙ୍କ ପିତାଙ୍କର ପ୍ରତିଶୋଧର ମନୋଭାବକୁ ବଢ଼ାଇ ଦେଇଥିଲା । ଅହମଦ ନଗରର ପତନ ପରେ ଶାହାଜୀ ବିଜାପୁର ରାଜାଙ୍କ ଦରବାରରେ ଚାକିରି କରିଥିଲେ । ନିଜର ବୀରତ୍ୱ ଯୋଗୁଁ ଶାହାଜୀ ଅନେକ କିଲ୍ଲା ଜୟ କରିଥିଲେ । ଏଥିରେ ଖୁସି ହୋଇ ରାଜା ତାଙ୍କୁ ଅନେକ କିଲ୍ଲା ଉପହାର ସ୍ୱରୂପ ଦେଇଥିଲେ । ସେଥି ମଧ୍ୟରୁ ପୁନେର ଶିବନେରୀ କିଲ୍ଲା ଅନ୍ୟତମ । ଶାହାଜୀ ଅଧିକ ସମୟରେ ରାଜକାର୍ଯ୍ୟ ତଥା ଦାୟିତ୍ୱରେ ବ୍ୟସ୍ତ ରହୁଥିବାରୁ ନିଜ ଉପରେ ଶତ୍ରୁ ଆକ୍ରମଣର ଭୟ କରି ଜୀଜାବାଈ ଓ ସନ୍ତାନମାନଙ୍କୁ ଏହି କିଲ୍ଲାରେ ରଖିଥିଲେ । ଜୀଜାବାଈ ମାଆ ଭବାନୀଙ୍କ ପୂଜା କରୁଥିଲେ । ଏହି ଦୂରଦର୍ଶୀ ମହିଳା ଭବିଷ୍ୟତରେ ମହାନ ସାମ୍ରାଜ୍ୟର ରକ୍ଷକ ଜଣେ ଦେଶଭକ୍ତ ବୀରପୁତ୍ର ପାଇଁ ମାଆ ଭବାନୀଙ୍କ ଆରାଧନା କରୁଥିଲେ । ପିତାଙ୍କ ଅନୁପସ୍ଥିତିରେ ୧୬୨୭ ଫେବୃୟାରୀ ୧୯ ରେ ଶିବାଜୀଙ୍କର ଜନ୍ମ ଏହି କିଲ୍ଲାରେ ହୋଇଥିଲା ଏବଂ ତାଙ୍କର ସମସ୍ତ ସମୟ ମାଆଙ୍କ ସହିତ ବିତୁଥିଲା ।

ଜୀଜାବାଈ ଜଣେ ତେଜସ୍ୱିନୀ ବୁଦ୍ଧିମତୀ ଓ ଚତୁରୀ ମହିଳା ଥିଲେ । ଶିବାଜୀଙ୍କୁ ଏକ ମହାନ ଯୋଦ୍ଧା କରିବାରେ ନିଜର ସମସ୍ତ ଶକ୍ତି ବୁଦ୍ଧିମତା ଓ ଯୋଗ୍ୟତାକୁ ଲଗାଇ ଦେଇଥିଲେ । ପିଲାଦିନୁ ଶିବାଜୀଙ୍କୁ ସେ ବିଭିନ୍ନ ଦେଶପ୍ରେମୀ ବୀର ପୁରୁଷଙ୍କର କାହାଣୀ ସବୁ ଶୁଣାଉଥିଲେ । ଭଗବତ୍ ଗୀତାର ଉପଦେଶ, ମହାଭାରତ ଓ ରାମାୟଣର କାହାଣୀ ଶୁଣାଇ ଶିବାଜୀଙ୍କ ହୃଦୟରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରୁଥିଲେ । ତାଙ୍କଠାରୁ ପାଇଥିବା ଶିକ୍ଷା ଓ ସଂସ୍କାର

ଧନ ଅର୍ଜନେ ଧର୍ମ କରି ।। ଧର୍ମେ ପ୍ରାପତ ନରହରି ।।

ଯୋଗୁ ଶିବାଜୀ ରାଷ୍ଟ୍ର ପ୍ରତି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୁଚାରୁ ଭାବେ ତୁଲାଇ ଥିଲେ । ଦକ୍ଷିଣ ଭାରତରେ ହିନ୍ଦୁ ସାମ୍ରାଜ୍ୟର ପ୍ରତିଷ୍ଠା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ନିଜର ବିଚକ୍ଷଣତା ଲାଗି ପ୍ରସିଦ୍ଧ ଜୀଜାବାଇ ନିଜେ ଜଣେ ଯୋଦ୍ଧା ଓ ଶାସକ ଥିଲେ । ଅନେକ କଠିନ ପରିସ୍ଥିତିରେ ହାରି ନ ଯାଇ ଅସୀମ ଧୈର୍ଯ୍ୟର ସହିତ ସବୁ କିଛିର ମୁକାବିଲା କରୁ ଥିଲେ । ପ୍ରତି ପଦକ୍ଷେପରେ ଜୀଜାବାଇ ଶିବାଜୀଙ୍କ ମନରେ ସାହସ ଓ ଶକ୍ତି ଭରୁଥିଲେ । ମୋଗଲମାନଙ୍କ ଅତ୍ୟାଚାରରୁ ଦେବମୂର୍ତ୍ତି ଗୋ ବ୍ରାହ୍ମଣ ଆଦିକୁ ରକ୍ଷା କରିବା ତଥା ନିଜ ଜନ୍ମଭୂମିକୁ ବିଦେଶୀମାନଙ୍କ କବଳରୁ ମୁକ୍ତ କରିବା ପାଇଁ ସଂକଳ୍ପ କରିଥିଲେ । ୧୬୭୪ ରେ ଶିବାଜୀଙ୍କର ରାଜ୍ୟାଭିଷେକ ହୋଇଥିଲା । ମାଆ ଜୀଜାବାଇଙ୍କର ସ୍ୱପ୍ନ ସାକାର ହୋଇଥିଲା ।

ମାତା ଜୀଜାବାଇ ଏକ ପ୍ରଭାବୀ ମହିଳା ଥିଲେ । ଆତ୍ମସମ୍ମାନ ନାରୀମାନଙ୍କ ସମ୍ମାନ ରକ୍ଷାପାଇଁ ସେ ସଦା ଜାଗ୍ରତ ଥିଲେ । ଧାର୍ମିକ ସହିଷ୍ଣୁତା, ଦେଶପ୍ରେମ, ଉଦାରତା ଓ ସ୍ୱାଧୀନ ଚିନ୍ତାଧାରା ଥିଲା ତାଙ୍କ ଜୀବନର ମୂଳଲକ୍ଷ୍ୟ । ଦେଶପାଇଁ ଥିଲା ତାଙ୍କର ଅଖଣ୍ଡ ମମତା । ସେଥିପାଇଁ ସେ କୌଣସି ଅସ୍ତ୍ର ଧାରଣ ନ କରି ମଧ୍ୟ ଶିବାଜୀଙ୍କ ପରି ମହାନ ଯୋଦ୍ଧା ଓ ଦେଶଭକ୍ତ ବୀର ଶିବାଜୀଙ୍କୁ ସୃଷ୍ଟି କରି ପାରିଥିଲେ । ଶେଷରେ ଏହି ମହୀୟସୀ ନାରୀଙ୍କର ୧୬୭୪ ଜୁନ୍ ୧୭ରେ ଦେହାନ୍ତ ହୋଇଥିଲା ମାତ୍ର ୭୬ ବର୍ଷ ବୟସରେ । ଜୀଜାବାଇ ସମସ୍ତ ହିନ୍ଦୁ ନାରୀମାନଙ୍କ ଆଦର୍ଶ ଅଟନ୍ତି ଏବଂ ପ୍ରେରଣାର ଉତ୍ସ ଅଟନ୍ତି ।

*ଆଚାର୍ଯ୍ୟା*
*ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର*
*ତାଳପଡ଼ା, ରାହାମା*
*ଜଗତସିଂହପୁର*



ସେ ଧନେ ପୋଷେ ନିଜ ଦେହୀ । ମୃତ୍ୟୁ ଭାବନା ନ କରଇ ॥

ବିଜ୍ଞାନ ବିଭବ

# ସନ୍ଧ୍ୟା ଆକାଶର ଦୂରବୀକ୍ଷଣରେ ଦୃଶ୍ୟ

ଶ୍ରୀ ନିକୁଂଜ ବିହାରୀ ସାହୁ

ଏବେ ସନ୍ଧ୍ୟା ଆକାଶରେ ତିନୋଟି ଉଜ୍ଜ୍ୱଳ ଗ୍ରହ ଖାଲି ଆଖିକୁ ଦୃଶ୍ୟ ହେଉଛନ୍ତି । ଦୂରବୀକ୍ଷଣ ଯନ୍ତ୍ରରେ ସେଗୁଡ଼ିକର ଦର୍ଶନ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ଏକ ଅଭୁଲା ଅନୁଭୂତି । ସେ ତିନୋଟି ଗ୍ରହ ହେଲେ ଶୁକ୍ର, ବୃହସ୍ପତି ଓ ଶନି । ଏହି ଚିତ୍ତାକର୍ଷକ ଦୃଶ୍ୟ ଦେଖିବା ପାଇଁ ଆମ ନିକଟରେ ଅତି କମ୍‌ରେ ୩ ଇଞ୍ଚ ବ୍ୟାସ ତଥା ୨୫ ପରିବର୍ଦ୍ଧନଶୀଳ କ୍ଷମତା ସମ୍ପନ୍ନ ଏକ ଛୋଟ ଦୂରବୀକ୍ଷଣ ଯନ୍ତ୍ର ଉପଲବ୍ଧ ହେବା ଆବଶ୍ୟକ ।

**ଦୂର ଅକାଶର ଦୀପ : ଶୁକ୍ର**

ଶୁକ୍ର ଆମ ସନ୍ଧ୍ୟାକାଶର ସବୁଠାରୁ ଉଜ୍ଜ୍ୱଳ ଜ୍ୟୋତିଷ୍କ । ଏହାକୁ ସାଧାରଣତଃ ସନ୍ଧ୍ୟାତାରା ବୋଲି କୁହାଯାଏ । କେବେ କେବେ ଏହା ପୁଣି ଭୋର ଆକାଶରେ ମୁହଁ ଦେଖାଉଥିବାରୁ ଏହାକୁ ମଧ୍ୟ କୁଆଁତାରା ବୋଲି କହିଥାନ୍ତି । ମାତ୍ର ଏହା ପ୍ରକୃତରେ ଏକ ତାରା ନୁହେଁ ଗ୍ରହ । ଏହାର ଘନ ଅଙ୍ଗାରକାମ୍ଳ ଗ୍ୟାସଯୁକ୍ତ ବାୟୁମଣ୍ଡଳ ସୂର୍ଯ୍ୟାଲୋକ ଭଲ ପ୍ରତିଫଳନ କରୁଥିବାରୁ ଏହା ଅତିଶୟ ତେଜୋଦୀପ୍ତ ଜଣାପଡ଼େ । ଖାଲି ଆଖିକୁ ଏହା ଝଟକୁଥିବା ଖଣ୍ଡେ ହୀରା ସଦୃଶ ଦେଖାଯାଏ । ମାତ୍ର ଦୂରବୀକ୍ଷଣରେ ଦେଖିଲେ ଏହା ଗୋଲାକାର ପରିବର୍ତ୍ତେ ଚନ୍ଦ୍ର ଭଳି ବକ୍ରାକୃତି ସଦୃଶ ଦେଖାଯାଏ । ପ୍ରକୃତରେ ଏହା ଚନ୍ଦ୍ରକଳା ସଦୃଶ କଳା ପ୍ରଦର୍ଶନ କରିଥାଏ । ଗ୍ରହଟିର ଏପରି ପରିବର୍ତ୍ତନଶୀଳ ଅବସ୍ଥାକୁ ଶୁକ୍ରକଳା କହନ୍ତି । ଦୂରବୀକ୍ଷଣର ଦୃଶ୍ୟରେ ଏହା କେତେବେଳେ ଦାଆ କିମ୍ବା ବଙ୍ଗୁଲିବାଡ଼ି ସଦୃଶ ତ ଆଉ କେତେବେଳେ ଅଧା ଏବଂ ଅର୍ଦ୍ଧାଧିକ ଅବସ୍ଥାରେ ଦେଖିବାକୁ ମିଳେ । ମାତ୍ର ଖାଲି ଆଖିରେ ଶୁକ୍ର ଗ୍ରହର ଏଭଳି ଚିତ୍ତାକର୍ଷକ କଳା ଦୃଶ୍ୟ ହୋଇ ନ ଥାଏ

**ଗ୍ୟାସୀୟ ଦାନବ : ବୃହସ୍ପତି**

ସୌରଜଗତର ବୃହତ୍ତମ ଗ୍ରହ ବୃହସ୍ପତି ସମ୍ପୂର୍ଣ୍ଣ ହାଇଡ୍ରୋଜେନ୍ ଗ୍ୟାସରେ ଗଢ଼ା ଏମ ଗ୍ୟାସୀୟ ଦାନବ । ଶୁକ୍ର ପରେ ଏହା ରାତି ଆକାଶର ଦ୍ୱିତୀୟ ଉଜ୍ଜ୍ୱଳତମ ଗ୍ରହ । ଖାଲି ଆଖିକୁ ଏହା ଦେବଗୁରୁ ବୃହସ୍ପତିଙ୍କ ସଦୃଶ ବେଶ୍ ତେଜୋଦୀପ୍ତ ଜଣାପଡ଼େ । ମାତ୍ର ଦୂରବୀକ୍ଷଣର ଦୃଶ୍ୟରେ ଏହା ଚାରିପଟେ ଚାରୋଟି ଛୋଟ ଆଲୋକବିନ୍ଦୁ ଘେରି ରହିଥିବାର ଦେଖାଯାଏ । ସେଗୁଡ଼ିକ ସମସ୍ତେ ବୃହସ୍ପତିର ବିଷୁବରେଖା ତଳରେ ଏକ ସରଳରେଖାରେ ଅବସ୍ଥାନ କରିଥିବାର ଦେଖାଯାଏ । କିଛି ଦିନ ଛାଡ଼ି ଲକ୍ଷ୍ୟକଲେ, ଗ୍ରହ ଚାରିପଟେ ସେମାନଙ୍କ ଅବସ୍ଥାନ ପରିବର୍ତ୍ତିତ ହେଉଥିବାର ଦେଖାଯାଏ । କେବେ କେବେ ବୃହସ୍ପତିର ବାମପଟେ ଦୁଇଟି ଓ ଡାହାଣପଟେ ଦୁଇଟି ତ ଆଉ କେବେ ଗୋଟିଏ ପଟେ ତିନୋଟି ଏବଂ ଅନ୍ୟ ପଟେ ଗୋଟିଏ ଧାଡ଼ି ହୋଇ ରହିଥିବାର ଦେଖାଯାଏ । ପୁଣି କେବେ କେବେ ଚାରୋଟିରୁ କମ୍ ଅର୍ଥାତ କେବଳ ଦୁଇଟି କିମ୍ବା ତିନୋଟି ଆଲୋକବିନ୍ଦୁ ହିଁ ଦେଖିବାକୁ ମିଳେ । ପ୍ରକୃତରେ, ଏହି ଆଲୋକବିନ୍ଦୁସବୁ ହେଉଛନ୍ତି ବୃହସ୍ପତିର ଚାରୋଟି ବଡ ଚନ୍ଦ୍ର । ବୃହସ୍ପତିର ଏହି ଚନ୍ଦ୍ରମାନଙ୍କୁ ଇଟାଲୀର ଜ୍ୟୋତିର୍ବିଜ୍ଞାନୀ ଗାଲିଲିଓ ୧୬୧୦ ଖ୍ରୀଷ୍ଟାବ୍ଦରେ ଆବିଷ୍କାର କରିଥିବାରୁ ଏଗୁଡ଼ିକୁ ସାଧାରଣତଃ ଗାଲିଲିଓଙ୍କ ଚନ୍ଦ୍ର ବୋଲି କୁହାଯାଏ । ଏହି ଚନ୍ଦ୍ରମାନଙ୍କ ନାମ ହେଲା ଆୟୋ (lo) ୟୁରୋପା (Europal), କ୍ୟାଲିଷ୍ଟୋ (Calisto) ଓ ଗ୍ୟାନିମିଡ଼ (Ganymede) । ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ଚନ୍ଦ୍ର ହେଲା ଗ୍ୟାନିମିଡ଼ ଯାହା ମଧ୍ୟ ସମଗ୍ର ସୌରଜଗତର ବୃହତ୍ତମ ଚନ୍ଦ୍ର । ଆୟୋ ଏକ ଆଗ୍ନେୟଗିରି ପରିପୂର୍ଣ୍ଣ ରାଇଜ ହୋଇଥିଲା ବେଳେ କ୍ୟାଲିଷ୍ଟୋର ପୃଷ୍ଠଦେଶରେ ପୁରାତନ ଗହ୍ୱର ଭିଳି ଅନେକ କ୍ଷତଚିହ୍ନର ଦାଗ ଦେଖିବାକୁ ମିଳେ । ମାତ୍ର ଆମ ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଚନ୍ଦ୍ର ହେଲା ୟୁରୋପା । ଏହାର ବରଫାବୃତ୍ତ ତଳେ ତରଳ ଜଳରାଶି ବିଶାଳ ସମୁଦ୍ର ଜଣାପଡେ ଯେଉଁଠି ଆଗାମୀ ଦିନରେ ପୃଥିବୀ ଭଳି କିଛି ଜୀବନସତ୍ତା ବିକଶିତ ହେବାର ସମ୍ଭାବନା ଥିବାର ଅନୁମାନ କରାଯାଏ । ଏହି ଚନ୍ଦ୍ରଗୁଡ଼ିକ ବୃହସ୍ପତି ଚାରିପଟେ ଘୂରୁଥିବାରୁ ଦୂରବୀକ୍ଷଣର ଦୃଶ୍ୟରେ ଏଗୁଡ଼ିକର ସମୟାନୁସାରେ ପରିବର୍ତ୍ତନଶୀଳ ଅବସ୍ଥାନ ଦେଖିବାକୁ ମିଳେ ।

**ଅନନ୍ୟ ଅବୟବଯୁକ୍ତ ଗ୍ରହ ଶନି**

ସନ୍ଧ୍ୟାକାଶରେ ବୃହସ୍ପତି ଓ ଶୁକ୍ର ମଧ୍ୟରେ ଈଷତ୍ ହଳଦୀ

ସକଳ ଜୀବେ ନରହରି । ବସଇ ଆତ୍ମାରୂପ ଧରି ।।

ରଙ୍ଗର ଅପେକ୍ଷାକୃତ କମ୍ ଉଜ୍ଜ୍ୱଳ ଏକ ଜ୍ୟୋତିଷ୍କ ଖାଲି ଆଖିରେ ଦେଖିବାକୁ ମିଳେ । ଏହା ପ୍ରକୃତରେ ଶନି ଗ୍ରହ । ମାତ୍ର ଦୂରବୀକ୍ଷଣରେ ଏହାର ଏକାଧିକ ଅବୟବ ଯଥା ବଳୟ ରହିଥିବାର ଦେଖାଯାଏ । ବଳୟଟି ଗ୍ରହକୁ ତିର୍ଯ୍ୟକ ଭାବେ ଘେରି ରହିବାର ଦେଖାଯାଏ । ଆମେ ବଳୟକୁ ବଳୟ ତଳରୁ ଅର୍ଥାତ୍ ପାର୍ଶ୍ୱପଟୁ ହିଁ ଦେଖୁଥିବାରୁ ଏହା ଆମକୁ କେବଳ ଗ୍ରହ ମଧ୍ୟ ଭାଗରେ ଲମ୍ବିଯାଇଥିବା ଏକ ଆଲୋମିଟର । ବଳୟଟି ମଧ୍ୟ ଏକ ଅବିଚ୍ଛିନ୍ନ ପିଣ୍ଡ ନୁହେଁ, ବରଂ ଏହା ଯଥେଷ୍ଟ ଦୂରତାରେ ଛାଡ଼ି ରହିଥିବା ଅନେକ ଛୋଟବଡ଼ ବରଫ ଓ ପଥର ଖଣ୍ଡରେ ଗଢା । ମାତ୍ର ଆମେ ଅଭାବନୀୟ ଦୂରତାରୁ ଦେଖୁଥିବାରୁ ବଳୟଟି ଏକ ଅବିଚ୍ଛିନ୍ନ ପିଣ୍ଡ ପରି ଦେଖାଯାଏ । ଗାଲିଲିଓ ସର୍ବପ୍ରଥମେ ଏହି ବଳୟକୁ ଦୂରବୀକ୍ଷଣରେ ଲକ୍ଷ୍ୟ କରିଥିଲେ ସୁଦ୍ଧା ଏହାର ପ୍ରକୃତ ସ୍ୱରୂପ ବୁଝିପାରି ନ ଥିଲେ । ଏହା ତାଙ୍କୁ ଗ୍ରହ ଉପରେ ଏକ କଳା ଗାର ସଦୃଶ ପ୍ରତୀୟମାନ ହୋଇଥିଲା । ପରବର୍ତ୍ତୀ ସମୟରେ ହଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ ଖ୍ରୀଷ୍ଟୀୟାନ ହାଇଜେନ୍ସ ୧୬୫୫ ଖ୍ରୀଷ୍ଟାବ୍ଦରେ ଶନି ଗ୍ରହକୁ ନିଜ ଦୂରବୀକ୍ଷଣରେ ଲକ୍ଷ୍ୟ କରି ଗ୍ରହ ଚାରିପଟେ ବେଢିଥିବା ଏହି ବଳୟ ରୂପେ ସଠିକ୍ ଚିହ୍ନଟ କରିଥିଲେ ।

*ଏଜୁକେଶନ୍ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,*
*ଭୋପାଳ*
*ଫୋନ୍ : ୮୦୧୮୭୦୮୮୫୮*

# ପ୍ରାନ୍ତ ପୂର୍ବଛାତ୍ର ପରିଷଦ ବୈଠକ

ଗତିରାଉତ ପାଟଣା କେଶବଧାମ ବିଦ୍ୟା ମନ୍ଦିର ପରିସରରେ ପ୍ରାନ୍ତ ପୂର୍ବଛାତ୍ର ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ୩ ଲକ୍ଷ ପୂର୍ବଛାତ୍ରଙ୍କୁ ବିଦ୍ୟାଭାରତୀ ପୋର୍ଟାଲରେ ପଞ୍ଜୀକୃତ କରାଇବା ସହ ଗ୍ରୁପ୍ ଗଠନ ଏବଂ ସଫଳ ଛାତ୍ରଙ୍କ ବାବଦରେ ଆଲୋଚନା କରାଯାଇଥିଲା ।

ବୈଠକର ଆଲୋଚ୍ୟ ପ୍ରସଙ୍ଗ ମଧ୍ୟରେ ଥିଲା ପୂର୍ବଛାତ୍ରଙ୍କୁ ସଂଗଠିତ କରି ବିଭିନ୍ନ କାମରେ ନିୟୋଜିତ କରିବା । ଶିକ୍ଷକ ଓ ଅଧ୍ୟାପକଙ୍କୁ ଶୋଧ ଏବଂ ବିଦ୍ୱତ୍ ପରିଷଦରେ ଯୋଡ଼ିବା, ସମସ୍ତଙ୍କ ଡାଟା ବ୍ୟାଙ୍କ ପ୍ରସ୍ତୁତ କରିବା, ପ୍ରାନ୍ତ ଏବଂ ସମ୍ଭାଗ ଟୋଲିର ପୂର୍ବଛାତ୍ରମାନେ ମାସିକ ୪ରୁ ୫ ଦିନ ବିଭିନ୍ନ ବିଦ୍ୟାଳୟରେ ରହି କାର୍ଯ୍ୟକ୍ରମ କରିବା, ମହଲା ପାଠଶାଳାରେ ପଢାଇବାରେ ସହଯୋଗ କରିବା, ନବମରୁ ଦ୍ୱାଦଶ ଛାତ୍ରଙ୍କ କ୍ୟାରିୟର କାଉନସେଲିଂ ଯୋଜନା କରିବା, ଛୋଟ ଛୋଟ ଟୋଲି କରି ସମାଜ ମଙ୍ଗଳ କାମରେ ନିୟୋଜିତ ହେବା ଏବଂ ସ୍ୱାଧୀନତାର ଅମୃତ ମହୋତ୍ସବରେ ସାମିଲ ହେବା । କାର୍ଯ୍ୟକ୍ରମରେ ସଂଗଠନ ମନ୍ତ୍ରୀ ଜେ.ଏମ୍. କାଶୀପତି, ଦିବାକର ଘୋଷ, ଡ଼. କିଶୋରଚନ୍ଦ୍ର ମହାନ୍ତି, ରମାକାନ୍ତ ମହାନ୍ତ, ସତ୍ୟନାରାୟଣ ପଟ୍ଟନାୟକ, ମାନସରଞ୍ଜନ ପାଢୀ, ସୌମ୍ୟେନ୍ଦ୍ର ପାଢୀ, ଶୁଭପ୍ରସନ୍ନ ଦାଶ, ବଜରଙ୍ଗପ୍ରସାଦ ସ୍ୱାଇଁ, ରଶ୍ମିରଞ୍ଜନ ଦାଶ, ଅବିନାଶ ଦାସ, ମିହିର କୁମାର ମିଶ୍ର, ପ୍ରତ୍ୟୁଷ ଦାଶ, ଓମ୍ପ୍ରକାଶ ମିଶ୍ର, ଅମିତ କୁମାର ରାଉତ, ବିକାଶ ମହାରାଣା, ରାମେୟଶଙ୍କର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ ।

ସମେ ବସଇ ସର୍ବଦେହେ । ମୂଢ଼ ନ ଜାଣେ ମାୟାମୋହେ ॥

**ଗଣିତ ବିଭବ**

# ବିଭିନ୍ନ ମାପର ଧାରଣା

*ଶ୍ରୀ ପ୍ରସନ୍ନ କୁମାର ସାହୁ*

## ଅଣା ଓ ପଇସା ଜାଣିବା

୧ ଅଣା = ୬ ପଇସା
୨ ଅଣା = ୧୨ ପଇସା
୩ ଅଣା = ୧୯ ପଇସା
୪ ଅଣା = ୨୫ ପଇସା
୫ ଅଣା = ୩୧ ପଇସା
୬ ଅଣା = ୩୭ ପଇସା
୭ ଅଣା = ୪୪ ପଇସା
୮ ଅଣା = ୫୦ ପଇସା
୯ ଅଣା = ୫୬ ପଇସା
୧୦ ଅଣା = ୬୨ ପଇସା
୧୧ ଅଣା = ୬୯ ପଇସା
୧୨ ଅଣା = ୭୫ ପଇସା
୧୩ ଅଣା = ୮୧ ପଇସା
୧୪ ଅଣା = ୮୭ ପଇସା
୧୫ ଅଣା = ୯୪ ପଇସା
୧୬ ଅଣା = ୧୦୦ ପଇସା = ୧ ଟଙ୍କା

## ସୁନା ମାପ

ପଦିକା, ଧାନ, ରତି, ମସା, ତୋଳା, ଭରି, ଚିନା, ଗ୍ରାମ୍
୧ ଭରି = ୧୬ ଅଣା = ୧୧.୬୬୪=୧୦ ମସା = ୧ ତୋଳା = ୧୧.୬୬୪ ଗ୍ରାମ୍
୧ ମସା = ୨୮ ରତି, ୧ ରତି = ୪ ଧାନ

## ଜମି ମାପ

୧ ଏକର = ୧ ମାଣ = ୧୦୦ ଡେସିମିଲ = ୨୫ ଗୁଣ୍ଠ
୧ ଗୁଣ୍ଠ = ୪ ଡେସିମିଲି, ୧ କଡି = ୮ ଇଞ୍ଚ
୧ ଜରିବ = ୬୬ $\frac{୨}{୩}$ ଫୁଟ = ୧୦୦ କଡ଼ି = ୬୬' ୮''
୧ ଜରିବ x ୧ ଜରିବ = ୧ ବର୍ଗ ଜରିବ = ( ୬୬ $\frac{୨}{୩}$ x ୬୬ $\frac{୨}{୩}$ ) ବର୍ଗଫୁଟ
= $\frac{୪୦,୦୦୦}{୯}$ ବର୍ଗଫୁଟ = ୪୪୪୪.୪୪୪ ବର୍ଗ ଫୁଟ = ୧୦ ଡେସିମିଲି = ୨ $\frac{୧}{୨}$ ଗୁଣ୍ଠ
୧ ଡେସିମିଲ = ୪୪୪.୪୪ ବର୍ଗ ଫୁଟ

## ଗୋଟା ବସ୍ତୁ

୧ କଡ଼ା = ୧ ଟା
୪ କଡ଼ା = ୧ ଗଣ୍ଡା
୨୦ ଗଣ୍ଡା = ୧ ପଣ, ୧୬ ପଣ = ୧ କାହାଣ
ପାନପତ୍ର = ୧ କଡ଼ା = ୫୦ ଟା
କେନ୍ଦୁପତ୍ର = ୧ କେରି = ୧୨ ଟା

## ଧାନ ମାପ

୧ ଗଉଣି = ୫ ମାଣ, ୧ ପଉଟି = ୨୦ ଗଉଣି, ୧ ଭରଣ = ୮୦ ଗଉଣି = ୪ପଉଟି , ୧୦୦ କି.ଗ୍ରା. = ୧ ଭରଣ, ୧୦୦ କି.ଗ୍ରା. = ୧୦ ନଉତି, ୧ ନଉତି = ୪ ଗଉଣି, ୧ ଗଉଣି = ୪ ଅଡ଼ା, ୧ ଅଡ଼ା = ୨ ବୋଡ଼ା, ୧ ବୋଡ଼ା = ୨ ଶୋଳା, ୧ ଶୋଳା - ୨ ଅଧା ୧ ଅଧା = ୨ ପାଇକା, ୧ ପାଇକା = ୨ ଖାଡ଼ିଆ,

## ଓଜନ, ଦୈର୍ଘ୍ୟ ତରଳ ପଦାର୍ଥର ବିଭିନ୍ନ ମାପ -

| | | | | | | |
|---|---|---|---|---|---|---|
| କିଲୋଗ୍ରାମ୍ | ହେକ୍ଟୋଗ୍ରାମ୍ | ଡେକାଗ୍ରାମ୍ | ଗ୍ରାମ | ଡେସିଗ୍ରାମ୍ | ସେଣ୍ଟିଗ୍ରାମ୍ | ମିଲିଗ୍ରାମ |
| କିଲୋଲିଟର | ହେକ୍ଟୋଲିଟର | ଡେକାଲିଟର | ଲିଟର | ଡେସିଲିଟର | ସେଣ୍ଟିଲିଟର | ମିଲିଲିଟର |
| କିଲୋମିଟର | ହେକ୍ଟୋମିଟର | ଡେକାମିଟର | ମିଟର | ଡେସିମିଟର | ସେଣ୍ଟିମିଟର | ମିଲିମିଟର |

*ଅଖିଳ ଭାରତୀୟ ସହ ଗଣିତ ପ୍ରମୁଖ*
*ବିଦ୍ୟା ଭାରତୀ*

ପୁତ୍ର କଳତ୍ର କଳେବରେ । ମୋହର ବୋଲି ସ୍ନେହ କରେ ।।

# ଭଗ୍ନାଂଶର ଧାରଣା

| ଶତକଡ଼ା | ସାଧାରଣ ଭଗ୍ନାଂଶ | ଅନୁପାତ | ଦଶମିକ ଭଗ୍ନାଂଶ |
|---|---|---|---|
| ୫% | ୧/୨୦ | ୧:୨୦ | ୦.୦୫ |
| ୧୦% | ୧/୧୦ | ୧:୧୦ | ୦.୧ |
| ୧୨ ୧/୨ % | ୧/୮ | ୧:୮ | ୦.୧୨୫ |
| ୨୦% | ୧/୫ | ୧:୫ | ୦.୨ |
| ୨୫% | ୧/୪ | ୧:୪ | ୦.୨୫ |
| ୩୩ ୧/୩ % | ୧/୩ | ୧ :୩ | ୦.୩୩ |
| ୪୦% | ୨/୫ | ୨ : ୫ | ୦.୪ |
| ୫୦% | ୧/୨ | ୧ : ୨ | ୦.୫ |
| ୬୦% | ୩/୫ | ୩ :୫ | ୦.୬ |
| ୬୬ ୨/୩ % | ୨/୩ | ୨:୩ | ୦.୬୬ |
| ୭୫% | ୩/୪ | ୩:୪ | ୦.୭୫ |
| ୮୦% | ୪/୫ | ୪:୫ | ୦.୮ |
| ୯୦% | ୯/୧୦ | ୯:୧୦ | ୦.୯ |
| ୬ ୧/୪ % | ୧/୧୬ | ୧:୧୬ | ୦.୦୬୨୫ |
| ୧୬ ୨/୩ % | ୧/୬ | ୧:୬ | |
| ୧୦୦% | ୧/୧ | ୧:୧ | ୧.୦ |

ସୁଖାନୁଭବେ ପ୍ରାଣୀ ମାରେ । କେବଳ ବିଷ୍ଣୁଦ୍ରୋହ କରେ ।।

**ସ୍ୱାସ୍ଥ୍ୟ ହିଁ ସଂପଦ**

# ଗଙ୍ଗଶିଉଳି କେତେ ଦରକାରୀ

ଡା. ଦେବଦତ୍ତ ସାମନ୍ତରାୟ

ଭଗବାନଙ୍କ ସୃଷ୍ଟି ବଡ଼ ବିଚିତ୍ର । ଦୁବ ଘାସଠାରୁ ଆରମ୍ଭ କରି ବରଗଛ ପର୍ଯ୍ୟନ୍ତ ସମସ୍ତ ବୃକ୍ଷଲତାରେ ଔଷଧୀୟ ଗୁଣ ଭରପୂର ହୋଇରହିଛି, କିନ୍ତୁ ଆଜିର ମଣିଷ ଅଜ୍ଞତାବଶତଃ ସେଗୁଡ଼ିକୁ ଚିହ୍ନି ନ ପାରି ନିଜେ ଧ୍ୱଂସ ଆଡ଼କୁ ଟାଣି ହେଉଛି । ଯଦି ମାନବ ସମାଜ ସଚେତନ ହୋଇ ବାଡ଼ି ବଗିଚାରେ ଥିବା ଗଛଲତାର ପ୍ରକୃତ ପରିଚୟ ପାଇ ଗୁଣ ବିଷୟରେ ଜାଣିପାରି ଦୈନନ୍ଦିନ ଜୀବନରେ ବ୍ୟବହାର କରିପାରନ୍ତା, ତେବେ ରୋଗ କବଳରୁ ମୁକ୍ତି ପାଇପାରନ୍ତା । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଜାଣିବା ସର୍ବରୋଗହାରୀ ଗଙ୍ଗଶିଉଳି ସମ୍ପର୍କରେ ।

ଗଙ୍ଗଶିଉଳି ଏକ ସୁପରିଚିତ ଗଛ । ଓଡ଼ିଆରେ ଏହାକୁ ଶୃଙ୍ଗାରହାର ବା ଶେଫାଳୀ କୁହାଯାଉଥିବା ବେଳେ ସଂସ୍କୃତରେ ଏହାକୁ ଶେଫାଳିକା, ରଜନୀହାର, ଶୀତ ମଞ୍ଜରୀ ଆଦି କୁହାଯାଏ ।

**ଗୁଣକର୍ମ :** ଗଙ୍ଗଶିଉଳିର ପତ୍ରଗୁଡ଼ିକ ଖୁବ୍ ପିତା । ଏଥିରେ ଏକପ୍ରକାର ଜୈବିକ ରସ ବା ଆଲାକାଲଏଡ ରହିଛି । ଏହାର ଫୁଲର ପାଖୁଡ଼ାଗୁଡ଼ିକ ଧଳା ନାଲି ମିଶା ହଳଦିଆ । ଔଷଧରେ ଏହାର କେବଳ ପତ୍ର ଓ ଫୁଲ ନୁହେଁ, ମୂଳ ସମେତ ପଞ୍ଚାଙ୍ଗ ବ୍ୟବହୃତ ହୋଇଥାଏ । ଏହାର ପଞ୍ଚାଙ୍ଗ ଶରତ ଋତୁର ଶେଷଭାଗରେ ସଂଗ୍ରହ କରାଯାଏ । ଏହାର ପଞ୍ଚାଙ୍ଗକୁ ଛାଇରେ ଶୁଖାଇ ବନ୍ଦ ପାତ୍ରରେ ସଇତି ରଖିଲେ ୪/୫ ମାସ ଯାଏ ବ୍ୟବହୃତ ହୋଇଥାଏ । ଏହାର ରସ କିମ୍ବା ଚୂର୍ଣ୍ଣକୁ ଯେକୌଣସି ମିଠା ଯୁକ୍ତ ଜିନିଷ ସହ ମାତ୍ରା ଅନୁସାରେ ଗ୍ରହଣ କରାଯାଏ ।

**ମୁଣ୍ଡବିନ୍ଧା :** ଯେ କୌଣସି ମୁଣ୍ଡବିନ୍ଧା ପାଇଁ ଗଙ୍ଗଶିଉଳିର ୫/୬ଟି ଫୁଲ ଆଣି ହାତରେ ମକଚି ଶୁଂଘିଲେ ତତକ୍ଷଣାତ୍ ଉପଶମ ମିଳେ ।

**ମେଲେରିଆ ଜ୍ୱର :** ସାତଟି ଗଙ୍ଗଶିଉଳି ପତ୍ରକୁ ୭ଟି ଗୋଲ ମରିଚ ସହ ବାଟି ମିଶ୍ରି ସର୍ବତ ସହିତ ସକାଳେ ଖାଲିପେଟରେ ଏବଂ ସଂଧ୍ୟାରେ ଖାଦ୍ୟ ପରେ ସେବନ କଲେ ୭ଦିନ ମଧ୍ୟରେ ମେଲେରିଆ ଜ୍ୱର ଭଲ ହୋଇଥାଏ ।

ଟାଇଫଏଡ୍ ଏବଂ ଅନ୍ୟାନ୍ୟ ସମସ୍ତ ଜ୍ୱର ପାଇଁ ୭ଟି ଗଙ୍ଗଶିଉଳି ପତ୍ର ରସ, ୧ ଚାମଚ ମହୁ ଏବଂ ୧ ଟା ଗୋଲମରିଚକୁ ଏକତ୍ର ମିଶାଇ ସୂର୍ଯ୍ୟାସ୍ତ ପରେ ନାକର ଦକ୍ଷିଣ ପାର୍ଶ୍ୱରେ ନିଃଶ୍ୱାସ ଚାଲିଥିବାବେଳେ ୭ଦିନ ଧରି ସେବନ କଲେ ବାତ, ପିତ୍ତ, କଫ ଆଦିରୁ ମୁକ୍ତି ମିଳିଥାଏ । ଗଙ୍ଗଶିଉଳି ଗଛର ଚେର ବା ଛାଲି ୨୦ ଗ୍ରାମ୍ ୫୦୦ ଗ୍ରାମ୍ ପାଣିରେ ସିଝାଇବେ । ଅବଶିଷ୍ଟ ୨୫୦ ଗ୍ରାମ୍ ପାଣି ୧ ଚାମଚ ମହୁ ମିଶାଇ ସକାଳେ ସଂଧ୍ୟାରେ ସେବନ କଲେ ସମସ୍ତ ପ୍ରକାର ପିତ୍ତଜ୍ୱର, କମ୍ପଜ୍ୱର ଏବଂ ଜ୍ୱର କାରଣରୁ ବାନ୍ତି ହେଉଥିଲେ ଭଲ ହୋଇଯାଏ ।

**ଅଧାକପାଳି ଏବଂ ଉହାଜ୍ୱର :** ଗଙ୍ଗଶିଉଳି ପତ୍ରର ରସକୁ ୧/୩ ଠୋପା ନାକରେ ପକାଇଲେ ଅଧାକପାଳୀ ଏବଂ ଜ୍ୱର ଭଲ ହୋଇଯାଏ ।

**ଟନ୍‌ସିଲ ବା ଗଳା ରୋଗ :** ଗଙ୍ଗଶିଉଳି ଚେରକୁ ଧୋଇ ସଫାକରି ଧୀରେ ଧୀରେ ଚୋବାଇ ରସ ଢୋକିଲେ ଖୁବ କମ୍ ସମୟରେ ଟନ୍ସିଲ ବା ଗଳା ଦରଜ କମିଯିବ ।

**କାନ ରୋଗ :** ଗଙ୍ଗଶିଉଳି ପତ୍ରରସ ୧୦୦ ମି.ଲି. ସହିତ ୨୫୦ ଗ୍ରାମ୍ ଖାଣ୍ଟି ସୋରିଷ ତେଲ ପାକ କରି ଅବଶିଷ୍ଟ ୨୫ ଗ୍ରାମ୍ ତେଲ ସାଇତି ରଖିବେ । କାନରୁ ପୂଜ ବାହାରୁଥିଲେ, କାନ ବିନ୍ଧା ପାଇଁ, କାନ ଦୁର୍ଗନ୍ଧ ହେଉଥିଲେ ଏହି ତେଲରୁ ୨ ଠୋପା ଲୋଖାଏଁ ଦିନକୁ ୨ ଥର ପକାଇବେ ।

**କୃମି ନାଶକ :** ପେଟ ସଫାକରି ଗଙ୍ଗଶିଉଳି ପତ୍ର ରସ ପାଞ୍ଚ ଚାମଚରେ ମହୁ ଅଧ ଚାମଚ ମିଶାଇ ପ୍ରତ୍ୟହ ଖାଲିପେଟରେ ୫ ଦିନ ସେବନ କଲେ ପେଟର ସମସ୍ତ ପ୍ରକାର କୃମି ନଷ୍ଟ ହୋଇଥାନ୍ତି ।

**ଘା :** ଗଙ୍ଗଶିଉଳି ପତ୍ରକୁ ଶୁଖାଇ ଚୂର୍ଣ୍ଣକରି ଯେକୌଣସି ପୁରୁଣା ଘା ରେ ମରା ନଡ଼ିଆ ତେଲ ସହ ଲଗାଇଲେ ଘା ଭଲ ହୋଇଯାଏ ।

**ଅଣ୍ଟା ଓ ଆଣ୍ଠୁ ବିନ୍ଧା :** ୧୧ଟି ଗୋଲମରିଚ ସହ ଗଙ୍ଗଶିଉଳି ପତ୍ରରସ ୨୦ମି.ଲି. ସକାଳେ ଖାଲିପେଟରେ ସେବନ କରିବେ ।

**ଆମବାତ :** ଗଙ୍ଗଶିଉଳି ପତ୍ର ରସ ସହିତ ଶୁଣ୍ଠିଚୂର୍ଣ୍ଣ ମିଶାଇ, ଦିନକୁ ୩ ପାନ କିଛି ସମୟ ସେବନ କଲେ ଆମବାତରୁ ରକ୍ଷା ପାଇ ପାରିବେ ।

**ଏସିଡ଼ିଟି ବା ଅମ୍ଳପିତ୍ତ :** ଗଙ୍ଗଶିଉଳି ପତ୍ର ୧୦ ମି.ଲି. ସହ ଅଧାଚାମଚ ଚିନି ମିଶଇ ୧୧ ଦିନ ସେବନ କଲେ ଅମ୍ଳପିତ ରୋଗ ଭଲ ହୋଇଯାଏ ।

**ଅଜୀର୍ଣ୍ଣ :** ଗଙ୍ଗଶିଉଳି ପତ୍ରରସ ୧ ଗ୍ରାମ୍ ସହ ୧ ଗ୍ରାମ୍ ସୈନ୍ଧବ ଲବଣ ମିଶାଇ ୭ଦିନ ସକାଳୁ ଖାଲି ପେଟରେ ସେବନ କରିବେ । ଏହି ଅନୁପାନ ପ୍ରାରମ୍ଭିକ ଅର୍ଶ ରୋଗୀ ମଧ୍ୟ ନେଇ ପାରିବେ । ଗଙ୍ଗଶିଉଳି ଅତ୍ୟନ୍ତ ଉପକାରୀ ଗଛଟିଏ, ଏହି ଗଛ ଯାହାର ବାଡ଼ି ବଗିଚାରେ ଥାଏ ସେମାନଙ୍କୁ ଛୋଟ ଛୋଟ ରୋଗ ପାଇଁ ଡ଼ାକ୍ତରଖାନାକୁ ଯିବାକୁ ପଡ଼ି ନ ଥାଏ । ବାସ୍ତବରେ ଗଙ୍ଗଶିଉଳି ମାନବ ସମାଜ ପାଇଁ ଭଗବାନଙ୍କ ଏକ ଅନନ୍ୟ ସୃଷ୍ଟି ।

*ଦିଶା ଆୟୁର୍ବେଦ ଭବନ, ପାରାଦ୍ୱୀପ*

ଦୁଷ୍ଟ ପତିତ ବୋଲି ତାରେ । ପଡ଼େ ନରକ ତମ ଘୋରେ ॥

ଯୋଗ ବିଜ୍ଞାନ


# ଭୂନମନାସନ

■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

ଶରୀରମ୍ ଆଦ୍ୟମ୍ ........

ଯୋଗର ଅର୍ଥ ନିଜ ଭିତରେ ନିହିତ ଶକ୍ତି ଗୁଡ଼ିକୁ ବିକଶିତ କରି ପରମବ୍ରହ୍ମ ପରମପିତାଙ୍କ ସହିତ ଆତ୍ମସାକ୍ଷାତ୍କାର ହେବା ଏବଂ ପୂର୍ଣ୍ଣ ଆନନ୍ଦ ପ୍ରାପ୍ତ ହେବା । ଏହା ସେତେବେଳେ ସମ୍ଭବ, ଯେତେବେଳେ ଆପଣଙ୍କର ଶରୀର ଯୋଗାଭ୍ୟାସ ମାଧ୍ୟମରେ ସିଦ୍ଧତା ପ୍ରାପ୍ତ ହୋଇ ଇନ୍ଦ୍ରିୟ ଗୁଡ଼ିକ ନିୟନ୍ତ୍ରଣ ହୋଇଯିବେ । ଶରୀର କେବଳ ପଞ୍ଚମହାଭୂତରେ ନିର୍ମିତ ନୁହେଁ ଏହା ପରମପିତାଙ୍କର ଅଂଶ ଅଟେ । ଅର୍ଥାତ୍ ପରମାତ୍ମାଙ୍କ ସହିତ. ଆତ୍ମସାକ୍ଷାତ୍କାର ହେବା । ଏଥିପାଇଁ ଶରୀରକୁ ଶୁଦ୍ଧ, ସିଦ୍ଧ, ପବିତ୍ର ଏବଂ ପୂଜା ଉପଯୋଗୀ କରିବାକୁ ପଡ଼ିବ । ଏଣୁ ଏହି ସ୍ଥୁଳ ଶରୀରକୁ ଯୋଗାଭ୍ୟାସ ଦ୍ୱାରା ହିଁ କରାଯାଇପାରିବ, ନିତ୍ୟ ଅଭ୍ୟାସ ଦ୍ୱାରା ସମ୍ଭବ ହୋଇ ପାରିବ । ତେଣୁ ଆସନ୍ତୁ ଏହି ଭୂନମନାସନ (ଭୂମାସନ)କୁ ଅଭ୍ୟାସ କରି ଶରୀରକୁ ଶୁଦ୍ଧ, ପବିତ୍ର କରିବା, ସୁସ୍ଥ, ସବଳ ଓ ନୀରୋଗ କରିବା ।

ଭୂନମନାସନ :- ଚିତ୍ର




କରିବାର ବିଧି :-

୧. ଦଣ୍ଡାସନ ବା ସିଧାଭାବରେ ଭୂମି ଉପରେ ବସିବା ।

୨. ଦୁଇ ପାର୍ଶ୍ୱକୁ ଦୁଇ ଗୋଡ଼କୁ ଯେତେ ଅଧିକ ସମ୍ଭବ ଖୋଲିବା । ଯେପରି ଏକ ସରଳରେଖା ପରି ହେବ ।

୩. ଦୁଇ ହାତ ଦ୍ୱାରା ଦୁଇ ଗୋଡ଼ର ବୁଢ଼ା ଆଙ୍ଗୁଠିକୁ ଧରିବା ।

୪. ଶ୍ୱାସ ନେଇ ଛାଡ଼ିବା ସମୟରେ ଆଗକୁ ଝୁଙ୍କି, ପେଟ , ଛାତି ଓ ଗୋଡକୁ ଭୂମିରେ ଲଗାଇବା ।

୫. ଦୃଷ୍ଟି ସଂପୂର୍ଣ୍ଣ ଆଗକୁ ରହିବ । ଏହା ପୂର୍ଣ୍ଣ ସ୍ଥିତି, ଏହି ସ୍ଥିତି ୩୦ ସେକେଣ୍ଡରୁ ୧ ମି, ଯାଏ ରହି, ଧୀରେ ଧୀରେ ପୂର୍ବସ୍ଥିତିକୁ ଫେରିବା ।

ଲାଭ : - ୧. ଅଣ୍ଟା ସମସ୍ୟା ଦୂର ହୁଏ । ମେରୁଦଣ୍ଡ ଜନିତ ସମସ୍ତ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

୨. ଛାତି ଏବଂ ପିଠିର ମାଂସପେଶୀଗୁଡ଼ିକ ସବଳ ହୋଇଥାଏ ।

୩. ଜଙ୍ଘ ଓ ଗୋଡ଼ହାତର ମାଂସପେଶୀ ସୁଦୃଢ଼ ହୋଇଥାଏ ।

୪. ଉଦର ଜନିତ ସମସ୍ତ ସମସ୍ୟା ଦୂର ।

୫. ମୁଖମଣ୍ଡଳର ଆଭା ବୃଦ୍ଧି ହୋଇଥାଏ,ସୌନ୍ଦର୍ଯ୍ୟ ବୃଦ୍ଧିହୁଏ ।

୬. ହୃଦୟ ଓ ଫୁସ୍‌ଫୁସ୍ ବିକଶିତ ହୋଇଥାଏ ।

୭. ସର୍ବୋପରି ବୀର୍ଯ୍ୟ ବୃଦ୍ଧି ସହିତ ସ୍ଥିର ହୋଇଥାଏ ।

ଏହିପରି ବହୁବିଧ ରୋଗରୁ ମୁକ୍ତି ମିଳିବା ସହିତ ଶରୀର ସିଦ୍ଧତା ପ୍ରାପ୍ତ ହୋଇଥାଏ । ଶରୀର ଶୀତଳ ହେବା ସହିତ ପବିତ୍ର ହୋଇ, ଆତ୍ମସାକ୍ଷାତକାର ପାଇଁ ଉପଯୋଗୀ ହୋଇଥାଏ । ଏଣୁ ଆସନ୍ତୁ ଯୋଗ କରିବା ଏବଂ ନୀରୋଗ ରହିବା ।

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

# ଆମ ପ୍ରଶ୍ନ ତୁମ ଉତ୍ତର

ଶ୍ରୀ ଆଶୀଷକୁମାର ରଥ

୧ ତୀର୍ଥମାନଙ୍କର ଗୁରୁ ବୋଲି କାହାକୁ କୁହାଯାଏ ?

୨. କେଉଁ ପ୍ରାଚୀନ ଭାରତୀୟ ଋଷି ପରମାଣୁ ସିଦ୍ଧାନ୍ତର ଆବିଷ୍କାରକ ଥିଲେ ?

୩. କେଉଁ ଋଷି ବିନ୍ଧ୍ୟାଚଳର ଦକ୍ଷିଣରେ ତଥା ଅନ୍ୟ ଦ୍ୱୀପରେ ବେଦବାଣୀ ପ୍ରସାର କରିଥିଲେ ?

୪. ଶ୍ରୀକୃଷ୍ଣ କେଉଁ ଗୁରୁଙ୍କ ଆଶ୍ରମରେ ରହି ଶିକ୍ଷା ଗ୍ରହଣ କରିଥିଲେ ?

୫. ଦେବତାମାନଙ୍କ ରକ୍ଷା ନିମନ୍ତେ ନିଜର ଅସ୍ଥି ଦାନ କରିଥିବା ମହର୍ଷି କିଏ ?

୬. କେଉଁ ମହାନ ସନ୍ଥଙ୍କ ପ୍ରେରଣାରେ ଛତ୍ରପତି ଶିବାଜୀ ହିନ୍ଦୁ ସମ୍ରାଜ୍ୟର ସ୍ଥାପନା କରିଥିଲେ ?

୭. ବ୍ରହ୍ମାଣ୍ଡର ସୃଷ୍ଟି ଓ ବିକାଶ ସମ୍ବନ୍ଧୀୟ ସିଦ୍ଧାନ୍ତର ଆଦ୍ୟ ପ୍ରବର୍ତ୍ତକ କିଏ ?

୮. ବିମାନ ବିଷୟକ ବିଦ୍ୟାର ଜନକ କିଏ ?

୯. ଭଗବାନ ବ୍ୟାସଙ୍କ ବୈରାଗୀପୁତ୍ର କିଏ ଯିଏକି ସମ୍ରାଟ ପରୀକ୍ଷିତଙ୍କୁ ସାତଦିନରେ ଶ୍ରୀମଦ୍ ଭାଗବତର କଥା ଶୁଣାଇଥିଲେ ?

୧୦. କେଉଁ ଭକ୍ତଙ୍କ ଅତିଥି ସେବା ବ୍ରତ ପୂର୍ଣ୍ଣ କରିବା ପାଇଁ ଭଗବାନ କୃଷ୍ଣଙ୍କୁ ସୂର୍ଯ୍ୟ ରୂପରେ ପ୍ରକଟ ହେବାକୁ ପଡ଼ିଲା ?

ସଂଯୋଜକ

ପ୍ରାନ୍ତ ସଂସ୍କୃତି ବୋଧ ପରିଯୋଜନା ବିଭାଗ

ଶିକ୍ଷା ବିକାଶ ସମିତି, ଓଡ଼ିଶା

ଏହି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପଠାଇଥିବା ପ୍ରଥମ ୧୦ଜଣ ଶିଶୁ ଭାଇଭଉଣୀଙ୍କର ନାମ ଶିକ୍ଷା ସୃଜନୀରେ ପ୍ରକାଶ ପାଇବ ।

## -: ଆମ ଠିକଣା :-

ସଂଯୋଜକ ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ଦୂରଭାଷ- ୮୮୯୫୪୬୧୩୭୮/୯୯୩୭୦୨୪୦୦୨ E-mail :- shikshasrujanee@gmail.com

ସେମାନଙ୍କର କର୍ମମାନ । ନ କଲେ ଋଣୀ ହୋନ୍ତି ଜନ ।।

# ପୂର୍ବ ସଂଖ୍ୟାର ଉତ୍ତର

| | | | |
|---|---|---|---|
| ୧. | ସରଯୂ | ୯. | ଫଲ୍‌ଗୁ |
| ୨. | ଯମୁନା | ୧୦. | କୃଷ୍ଣା |
| ୩. | ଗଙ୍ଗା | ୧୧. | ଗୋଦାବରୀ |
| ୪. | ଗଙ୍ଗା | ୧୨. | ମହାନଦୀ |
| ୫. | ବେଗବତୀ | ୧୩. | ସାବରମତୀ |
| ୬. | କ୍ଷିପ୍ରା | ୧୪. | ନର୍ମଦା |
| ୭. | ଗୋମତୀ | ୧୫. | ଅଳକାନନ୍ଦା |
| ୮. | ତୁଙ୍ଗା | ୧୬. | ମନ୍ଦାକିନୀ |

# ମାତୃଭାରତୀ ବୈଠକ, ପୂର୍ବଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଗତିରାଉତପାଟଣା ସ୍ଥିତ କେଶବଧାମଠାରେ ମାତୃଭାରତୀ ବୈଠକ ଓ ପୂର୍ବଛାତ୍ରମାନଙ୍କର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ କାଶୀପତିଜୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସିଡ଼ିଏସ୍ ବିପିନ୍ କୁମାର ରାଓ୍ୱତ ଏବଂ ଅନ୍ୟ ସହିଦମାନଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । "ସାଧନା" ପ୍ରକଳ୍ପର ପ୍ରଥମ ବ୍ୟାଚ୍‌ର ୧୭ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଚନ୍ଦନ ଦତ୍ତ ଓ ଓମ୍ ପ୍ରକାଶ ସାହୁ ଆଇଆଇଟି ପାଇଥିବା ବେଳେ ୪ ଜଣ ଏନ୍‌ଆଇଆଇଟି, ୯ଜଣ ଓଡ଼ିଶା ଜେଇ ଓ ୨ ଜଣ ବିଏସସିରେ ପଢୁଛନ୍ତି । ଦ୍ୱିତୀୟାର୍ଦ୍ଧରେ ଜିଲ୍ଲା ପ୍ରମୁଖ ୧୦୦ ଜଣ କାର୍ଯ୍ୟକର୍ତ୍ତାଙ୍କ ବୈଠକ ଓ ସନ୍ଧ୍ୟାରେ ପୂର୍ବଛାତ୍ରମାନଙ୍କର ସ୍ୱତନ୍ତ୍ର ଅଧିବେଶନରେ କାଶୀପତିଜୀ ଅମୃତ ମହୋତ୍ସବକୁ ସର୍ବବ୍ୟାପୀ କରାଇବାରେ କାର୍ଯ୍ୟକର୍ତ୍ତାଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ । ବିଦ୍ୟାଭାରତୀ ଅଖିଳ ଭାରତୀୟ ମନ୍ତ୍ରୀ ଡ଼ଃ କିଶୋରଚନ୍ଦ୍ର ମହାନ୍ତି, ପୂର୍ବକ୍ଷେତ୍ର ସଂଗଠନ ମନ୍ତ୍ରୀ ଦିବାକରଜୀ ଘୋଷ, ଓଡ଼ିଶା ପ୍ରାନ୍ତ ସଂଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତ ଓ ଶିକ୍ଷା ବିକାଶ ସମିତି ସହ ସଂପାଦକ ଡ଼ଃ. ତରୁଲତା ଦେବୀ ମାର୍ଗଦର୍ଶନ କରିଥିଲେ ।

ଯେ ସର୍ବଭାବେ କୃଷ୍ଣପାଦେ । ଶରଣ ଗଲା ଅପ୍ରମାଦେ ॥

# ତୁମ ପାଇଁ କଥାଟିଏ

*ଶ୍ରୀମତୀ ସୁଜାତା ଦାଶ*

ମୋର ଅତି ଆପଣାର କୁନି ଭାଇଭଉଣୀମାନେ । ମୁଁ ତୁମ ମାନଙ୍କ ପାଇଁ ଜଣେ ମହାପୁରୁଷଙ୍କ ବିଷୟରେ କଥାଟିଏ ସଂଗ୍ରହ କରି ଲେଖୁଛି । ଲେଖାଟି ତୁମମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ।

ସେହି ମହାପୁରୁଷ ଜଣକ ହେଉଛନ୍ତି ଆମର ପୂଜ୍ୟ ସ୍ୱାମୀ ବିବେକାନନ୍ଦ । ସେ୧୮୬୩ ମସିହା ଜାନୁଆରୀ ୧୨ ତାରିଖ ସୋମବାର ଦିନ କଲିକତା ସହରରେ ବିଶ୍ୱନାଥ ଦତ୍ତ ଏବଂ ମାତା ଭୁବନେଶ୍ୱରୀ ଦେବୀଙ୍କ କୋଳରେ ଜନ୍ମ ହୋଇଥିଲେ । ତାଙ୍କର ପିଲା ଦିନର ନାମ ଥିଲା ନରେନ୍ । ନରେନ୍ ପିଲା ଦିନେ ଭାରି ଗପୁଡ଼ି ଥିଲେ । ସେ କିନ୍ତୁ ଗପ କହିବାରେ ଏମିତି ଓସ୍ତାଦ ଥିଲେ ଯେ ଥରେ ଗପ ଆରମ୍ଭ କରନ୍ତି ତ ଗପ ଆଉ ସରେ ନାହିଁ । ତାଙ୍କ କଥା ଓ ବ୍ୟକ୍ତିତ୍ୱର ଏପରି ଆକର୍ଷଣ ଥିଲା ଯେ ସମସ୍ତେ ନିଜ ନିଜ କାମ ଭୁଲି ତାଙ୍କ ଗପ ଶୁଣୁଥିଲେ । ସ୍କୁଲରେ ଦିନେ ଶ୍ରେଣୀରେ ଶିକ୍ଷକ ଆସିବା ଆଗରୁ ସେ ଗପ କହୁଥିଲେ । ସମସ୍ତେ ଗପରେ ଏମିତି ଭୋଳ ହୋଇଯାଇଥିଲେ ଯେ ଶିକ୍ଷକ ଆସି ପଢ଼ାଇବାକୁ ଆରମ୍ଭ କଲେ ମଧ୍ୟ ସେମାନେ ତାହା ଜାଣି ପାରିଲେ ନାହିଁ । କିଛି ସମୟ ପରେ ଫୁସ୍‌ଫାସ୍ ଶବ୍ଦ ଶୁଣି ଶିକ୍ଷକ ବିଷୟଟି ବୁଝିପାରିଲେ । ବିରକ୍ତ ହୋଇ ସେ ଜଣ ଜଣ କରି ସମସ୍ତଙ୍କୁ ପରୀକ୍ଷା କଲେ । ସେ ଯାହା ପଢାଉ ଥିଲେ ସେମାନେ ତାହା ଶୁଣିଛନ୍ତି କି ନାହିଁ । କେହି ତାଙ୍କ ପ୍ରଶ୍ନର ଉତ୍ତର ଦେଇପାରିଲେ ନାହିଁ । ନରେନ୍‌ଙ୍କର କିନ୍ତୁ ମନ ଦୁଇ ଆଡ଼କୁ ଥିଲା । ଗପ କହିବା ମଝିରେ ମଧ୍ୟ କାନ ପାଠ ଆଡ଼େ ଦେଇଥିଲେ । ତେଣୁ ଶିକ୍ଷକ ଯେତେବେଳେ ନରେନ୍‌ଙ୍କୁ ପାଠ ପଚାରିଲେ ସେ ନିର୍ଭୁଲ ଭାବରେ ଉତ୍ତର ଦେଲେ । ଶିକ୍ଷକ ସେତେବେଳେ ପଚାରିଲେ ଏତେ ସମୟ କିଏ କଥା କହୁଥିଲା ? ସମସ୍ତେ ନରେନଙ୍କୁ ଦେଖାଇ ଦେଲେ । ଶିକ୍ଷକଙ୍କର ବିଶ୍ୱାସ ହେଲା ନାହିଁ । ସେ ନରେନ୍‌ଙ୍କ ଛଡ଼ା ଆଉ ସମସ୍ତଙ୍କୁ ଛିଡ଼ା ହୋଇ ରହିବାକୁ କହିଲେ । ସମସ୍ତଙ୍କ ସାଙ୍ଗରେ ନରେନ୍ ମଧ୍ୟ ଉଠି ଠିଆ ହେଲେ । ଶିକ୍ଷକ କହିଲେ -- ତୁମକୁ ଛିଡ଼ା ହେବାକୁ ପଡ଼ିବ ନାହିଁ । ନରେନ୍ କହିଲେ --ନା, ମୋତେ ମଧ୍ୟ ଛିଡ଼ା ହେବାକୁ ପଡ଼ିବ । କାରଣ ମୁଁ କେବଳ କଥାକହୁ ଥିଲି । ତେଣୁ ସେ ଛିଡ଼ା ହୋଇ ରହିଲେ । ଶିକ୍ଷକ କିଛି ସମୟ ପରେ ସମସ୍ତଙ୍କୁ ବସିବା ପାଇଁ କହିଲେ ।

ପିଲାଟି ଦିନରୁ ସତ୍ୟବାଦିତା ଓ ନିର୍ଭୀକତାକୁ ପାଥେୟ କରି ନରେନ୍ ବଡ଼ ମଣିଷ ହୋଇପାରିଥିଲେ । ନିଜ ଦେଶ ଓ ସଂସ୍କୃତିକୁ କିପରି ଶ୍ରଦ୍ଧା କରିବାକୁ ହେବ ତାହା ଆମକୁ ବିବେକାନନ୍ଦ ଶିଖାଇ ଯାଇଛନ୍ତି । ତେଣୁ ଭାଇଭଉଣୀମାନେ ତୁମେମାନେ ମଧ୍ୟ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍ତମ ଗୁଣ ସମ୍ପନ୍ନ ହୋଇ ରାଷ୍ଟ୍ର ଗଠନରେ ସହାୟକ ହୁଅ । ଆଜି ସେହି ମହାପୁରୁଷଙ୍କ ଜନ୍ମ ଦିବସ ଅବସରରେ ଆମେ ସମସ୍ତେ ଶ୍ରଦ୍ଧା ସୁମନ ଅର୍ପଣ କରି ଭକ୍ତିପୂତ ପ୍ରଣାମ କରିବା ତାଙ୍କ ପାଦ ତଳେ ।।

ଭାରତ ମାତା କି ଜୟ ।

*ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର*
*ପଟ୍ଟାମୁଣ୍ଡାଇ ।*

ସେମାନଙ୍କର କର୍ମମାନ । ନ କଲେ ଋଣୀ ହୋନ୍ତି ଜନ ।।




ବିଦ୍ୟା ଭାରତୀ ସଂଗଠନ ମନ୍ତ୍ରୀଙ୍କ ପ୍ରବାସ ଅବସରରେ ମାତୃଭାରତୀ ବୈଠକ
ସ୍ଥାନ : କେଶବଧାମ, କଟକ










ବିଦ୍ୟା ଭାରତୀ ସଂଗଠନ ମନ୍ତ୍ରୀଙ୍କ ପ୍ରବାସ ଅବସରରେ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ
ସ୍ଥାନ : କେଶବଧାମ, କଟକ

January - 2022 RNI - Reg. No : ODIODI/2012/51053



# ଭାରତ ସ୍ୱତନ୍ତ୍ରତାର ଅମର ସହିଦ ବୀର ସୁରେନ୍ଦ୍ର ସାଏଙ୍କ ପ୍ରବିତ୍ର ଜୟନ୍ତୀ ସ୍ମରଣେ ।

(୨୩ ଜାନୁଆରୀ ୧୮୦୯)

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10, Chief Editor : Dr. Shyam Sundar Mishra